# ସ୍ୱାଧୀନତା ସଂଗ୍ରାମୀ ବିବସ୍ୱ ଜେନାଙ୍କ ସ୍ମୃତିରେ ସମାବେଶ



**ଅନୁଗୋଳ, ୨୯ ।୩(ସମିସ):** ଅନୁଗୋଳ ବ୍ଲକର ଟାଇଁସି ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବିବସ୍ୱ ଜେନାଙ୍କ ସ୍ମୃତିରେ ସ୍ଥାନୀୟ ଏକ ବଗିଚାରେ ତାଙ୍କ ବଂଶଧର ଓ ଶୁଭେଚ୍ଛୁମାନେ ଏକ ସମାବେଶରେ ସାମିଲ୍ ହୋଇଥିବା ଜଣାଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ସମାଜସେବୀ ତ୍ରିଲୋଚନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ତାଙ୍କ ପରିବାରର ସଦସ୍ୟମାନେ ଯୋଗଦେଇ ବିବସ୍ୱ ଜେନାଙ୍କ ସଂଗ୍ରାମୀ ଜୀବନ ଓ ସମାଜସେବା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଟାଇଁସି ଅଞ୍ଚଳରେ ପରବର୍ତ୍ତୀ ସମୟରେ ତାଙ୍କ ସୁପୁତ୍ର ବେଲେଶ୍ୱର ଜେନା ଓ ବଂଶୀଧର ଜେନା ମଧ୍ୟ ପରିବେଶ ରକ୍ଷା, ପାନୀୟ ଜଳ ବନ୍ଦୋବସ୍ତ କରିବା ସମେତ ଅନେକ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସେମାନଙ୍କର ସମାଜସେବାର ଆଦର୍ଶକୁ ବହନକରି ସାମାଜିକ କାର୍ଯ୍ୟରେ ନିୟୋଜିତ ହେବାକୁ ସମାବେଶରେ ଆଲୋଚନା ହୋଇଥିଲା। ସଂଗ୍ରାମୀ ବିବସ୍ୱ ଜେନାଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତାଙ୍କ ସଂଗ୍ରାମୀ ପରିବାରରୁ ସେନାରେ କାର୍ଯ୍ୟରତ ସୁଶାନ୍ତ ସାହୁ ଶହୀଦ ହୋଇଥିଲେ ବୋଲି ଜଣାଯାଇଛି। ଏହି ସମାବେଶରେ ସ୍ୱାଧୀନତା ସଂଗ୍ରାମୀ ବିବସ୍ୱ ଜେନାଙ୍କ ଧର୍ମପତ୍ନୀ ଲଛମା ଜେନାଙ୍କ ସମେତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# କସ୍ତୁରୀବାହାଲ ଗ୍ରାମରେ ଦଣ୍ଡଯାତ୍ରା ଉଦ୍‌ଘାଟିତ



**କିଶୋରନଗର, ୨୯ ।୩(ସମିସ):** କିଶୋରନଗର ବ୍ଲକ ଅନ୍ତର୍ଗତ ରଣିଆକଟା ପଞ୍ଚାୟତର କସ୍ତୁରୀବାହାଲ ଗ୍ରାମରେ ଦଣ୍ଡଯାତ୍ରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଗତ ଗୁରୁବାର ରାତିରେ ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦଣ୍ଡୁଆ ଭକ୍ତମାନେ ବାମୁର ଶିବମନ୍ଦିରରେ ପୂଜାର୍ଚ୍ଚନା କରି ଶିବଶଙ୍କରଙ୍କୁ ଘରେ ଘରେ ପୂଜା, ବନ୍ଦାଣ କରାଯାଇଥିଲା। ଗ୍ରାମର ମାନସିକଧାରୀଙ୍କ ଘର ସାମ୍ନାରେ ଧୂଳି ଦଣ୍ଡ, ଅପରାହ୍ନରେ ବାଲୁକା ପୂଜା ଓ ରାତିରେ ଧୂଳିଦଣ୍ଡ ପରିବେଷଣ ହୋଇଥିଲା। ୧୪ଦିନ ଧରି ଠାକୁରଙ୍କୁ ବିଭିନ୍ନ ଗ୍ରାମକୁ ନେଇ ଦଣ୍ଡଯାତ୍ରା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଠାକୁର ପଣାସଂକ୍ରାନ୍ତି ପରଦିନ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମେରୁ ଯାତ୍ରା ଅନୁଷ୍ଠିତ ହେବ।

# ହାଇସ୍କୁଲ କିରାଣିଙ୍କ ପରଲୋକ



**ବଇଣ୍ଡା, ୨୯ ।୩(ସମିସ):** କିଶୋରନଗର ବ୍ଲକ ଇଛାପୁର ହାଇସ୍କୁଲର କିରାଣି ବିପିନି ବିହାରି ସାହୁଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ପତ୍ନୀ, ବୋହୂ, ପୁଅ, ଝିଅ ସହ ପରିବାର ଲୋକ ଉପସ୍ଥିତ ଥିଲେ। ସେ ଜଣେ ମେଳାପି ଲୋକ ଭାବରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଇଛାପୁର, ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ତାଳଚେରରେ ବନୀକରଣ ଯୋଜନା ବାଟବଣା

# ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ପାଲଟିଛି ମରୁଭୂମି







◆ ପ୍ରଦୂଷଣ, ଉତ୍ତାପ ବୃଦ୍ଧି ଯୋଗୁଁ ପରିବେଶ ଦିଗହରା
◆ ଜଙ୍ଗଲ ନ ଥିବାରୁ ଡହକବିକଳ ପଶୁପକ୍ଷୀ

**ଅନୁଗୋଳ /ତାଳଚେର, ୨୯ ।୩(ସମିସ): ତାଳଚେର ବନବିଭାଗ ପକ୍ଷରୁ ବର୍ଷାରମ୍ଭ ପ୍ରାରମ୍ଭରେ ବିଭିନ୍ନ ଯୋଜନାରେ ଭିନ୍ନଭିନ୍ନ** ସ୍ଥାନରେ ବନୀକରଣ କରାଯାଇଥିବା ବେଳେ ଏହି ପ୍ରକ୍ରିୟା କେଉଁଠାରେ ବାଟବଣା ହେଉଛି ତ ଆଉ କେଉଁଠି ରକ୍ଷଣାବେକ୍ଷଣା ଅଭାବରୁ ନିଶ୍ଚିହ୍ନ ହେବାକୁ ବସିଛି ବୋଲି ପରିବେଶବିତମାନେ ଅଭିଯୋଗ କରିଛନ୍ତି। ତାଳଚେର ଏକ ଶିଳ୍ପସମୃଦ୍ଧ ଅଞ୍ଚଳ ହୋଇଥିବାରୁ ଏଠାରୁ କ୍ରମଶଃ ଶାଳ, ପିଆଶାଳ, ଡିମିରି, କଦମ୍ବ, ଲିମ୍ବ, ଆମ୍ବ, ଦେବଦାରୁ, କରଞ୍ଜ, ଶାଗୁଆନ୍, ଗମ୍ଭାରୀ, କେନ୍ଦୁ ଓ ବିଭିନ୍ନ ଔଷଧୀୟ ବୃକ୍ଷ ଧ୍ୱଂସ ପାଇଛି। ଏପରିକି, ବଡ଼ ବଡ଼ ଜଙ୍ଗଲ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଯାହା ଫଳରେ ତାଳଚେରର ତାପମାତ୍ରା ବୃଦ୍ଧି ସହିତ ଜଳସ୍ତର ନିମ୍ନଗାମୀ ଓ ବ୍ୟାପକ ପ୍ରଦୂଷଣରେ ଆଜି ଅଞ୍ଚଳବାସୀ ଜର୍ଜରିତ ହେଉଥିବା ବେଳେ କିଛି ଅସାଧୁ ବନ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବନୀକରଣ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଦେଖିବାକୁ ଗଲେ ଯେଉଁ ହାରରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥାଏ ଏବେ ସେହି ଜାଗାରେ ଆଉ ଗଛଟିଏ ଦେଖିବାକୁ ମିଳିନଥାଏ। କେବଳ କାଗଜପତ୍ରରେ ବୃକ୍ଷରୋପଣ ସୀମିତ ରହିଥାଏ ବୋଲି କୁହାଯାଇଥାଏ। ତେବେ ଏହାକୁ ଆଧାରକରି ସୂଚନା ଅଧିକାର ଆଇନ ବଳରେ ଜଣାଯାଏ ଯେ, ୨୦୧୭-୧୮ରେ ଜିଲ୍ଲା ଖଣିଜ ପାଣ୍ଠିରୁ ତାଳଚେର ବନାଞ୍ଚଳ ଅନ୍ତର୍ଗତ କଣିହାଁ ବ୍ଲକ ବିଜିଗୋଳ, ଡେରେଙ୍ଗ ଓ ତାଳଚେର ନିଜଗଡ଼ ଟାଉନରେ ୫ହଜାର ଲେଖାଏଁ ମୋଟ ୧୫ହଜାର ବୃକ୍ଷ ପ୍ରାୟ ୬୭.୫୯୯୩୭ ଲକ୍ଷ ଟଙ୍କା ବିନିଯୋଗରେ ରୋପଣ କରାଯାଇଥିଲା। ସେହିଭଳି କଣିହାଁ ଡେରେଙ୍ଗ ଡ୍ୟାମ୍ ଅଞ୍ଚଳରେ ୫ହଜାର, ତାଳଚେର ଅଞ୍ଚଳର ଗୁରୁଜାଙ୍ଗ ମୌଜାରେ ୮ହଜାର ଓ ତାଳଚେର ବ୍ଲକ ରୁଢ଼ାସର୍ ମୌଜାରେ ୭ହଜାର ବୃକ୍ଷରୋପଣ ଲାଗି ପ୍ରାୟ ୮୪.୯୪୦୮୨୨ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୮-୧୯ରେ ଡେରେଙ୍ଗ ଡ୍ୟାମ ଅଞ୍ଚଳରେ ୧୦ହଜାର ବୃକ୍ଷ, ତାଳଚେର ବ୍ଲକ ଡ଼େରା ଅଞ୍ଚଳରେ ୧୦ହଜାର ବୃକ୍ଷ, ଏନଟିପିସି ତେଲିସିଙ୍ଗା ଅଞ୍ଚଳରେ ୫ହଜାର ବୃକ୍ଷ ଓ କମରେଇ ଅଞ୍ଚଳରେ ୧୫ହଜାର ବୃକ୍ଷ ରୋପଣ ଲାଗି ଏମସିଏଲ ପକ୍ଷରୁ ସର୍ବମୋଟ ୧୭୫.୪୫୫୯ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ଦର୍ଶାଯାଇଛି। ୨୦୧୯-୨୦ ବର୍ଷରେ ଛେଣ୍ଡିପଦା ଆରଏଫ୍ ୧୦ହଜାର ବୃକ୍ଷ ଓ ପୁନଶ୍ଚ ସେହି ଅଞ୍ଚଳରେ ୬ହଜାର ବୃକ୍ଷ, ତାଳଚେର ବ୍ଲକର ଡେରା ଅଞ୍ଚଳରେ ୧୦ହଜାର ବୃକ୍ଷ ଓ ବିଜିଗୋଳ ଅଞ୍ଚଳରେ ୫ହଜାର ବୃକ୍ଷ ଏପରି ଜିଲ୍ଲା ଖଣିଜ ପାଣ୍ଠିରୁ ସର୍ବମୋଟ ୧୫୨.୦୪୪୧ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ବୃକ୍ଷରୋପଣ କରାଯାଇଛି। ସେହିଭଳି ୨୦୨୦-୨୧ରେ ଜିଲ୍ଲା ଖଣିଜ ପାଣ୍ଠିରୁ ତାଳଚେର ଡ଼େରେଙ୍ଗ ଡ୍ୟାମ ଅଞ୍ଚଳରେ ୧୦ହଜାର ବୃକ୍ଷ, ତାଳଚେର ବ୍ଲକ କଙ୍କିଳି ଅଞ୍ଚଳରେ ୭ହଜାର, ସରେଇଲ ଗ୍ରାମାଞ୍ଚଳରେ ୬ହଜାର ବୃକ୍ଷ, ଗୋପାଳ ପ୍ରସାଦ ଅଞ୍ଚଳରେ ୧୨ହଜାର ଓ ଚିତଲପୁର ଅଞ୍ଚଳରେ ୨୧ହଜାର ବୃକ୍ଷ ୨୧୯.୮୯୪୬ଲକ୍ଷ ଟଙ୍କା ବିନିଯୋଗ କରାଯାଇ ବୃକ୍ଷ ରୋପଣ କରାଯାଇଥିବା ଜଣାପଡ଼ିଛି। ତେବେ ଯଦି ଏତେ ସଂଖ୍ୟକ ଚାରା ରୋପଣ କରାଯାଇଛି ବୋଲି ଦର୍ଶାଯାଇଛି, ତେବେ ଏ ଅଞ୍ଚଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି ହେବା ପରିବର୍ତ୍ତେ ଆଜି ଗଛ ବିହୀନ ମରୁଭୂମି ପାଲଟିଛି କିପରି ବୋଲି ପରିବେଶବିତ୍ ପ୍ରଶ୍ନ ଉଠାଇଛନ୍ତି। ତେବେ ଶିଳ୍ପାଞ୍ଚଳ ଯୋଗୁଁ ତାଳଚେର ଅଞ୍ଚଳର ଲୋକ ଉତ୍ତାପ ସହିତ ଜଳକଷ୍ଟ ନେଇ ତ୍ରାହି ତ୍ରାହି ଡାକ ଦେଉଥିବା ବେଳେ ପଶୁପକ୍ଷୀମାନେ ମଧ୍ୟ ଜଙ୍ଗଲ ନଥିବାରୁ ଏମାନଙ୍କ ସଂଖ୍ୟା ଲୋପ ପାଇ ପରିବେଶ ନିଜର ସନ୍ତୁଳନ ହରାଇ ବସିଛି ବୋଲି କୁହାଯାଉଛି। ତେବେ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି କୁହାଯାଉଛି।

# ଶୁଣ୍ଢି ସମାଜର ଜିଲ୍ଲା ସମାବେଶ




**ଅନୁଗୋଳ, ୨୯ ।୩(ସମିସ):** ସ୍ଥାନୀୟ ଜରାସିଂହା ଗ୍ରାମ କଳପାଟ ପୀଠ ପଡ଼ିଆରେ ଅନୁଗୋଳ ଜିଲ୍ଲା ଶୁଣ୍ଢି ସମାଜର ବାର୍ଷିକ ସମାବେଶ ଆୟୋଜିତ ହୋଇଯାଇଛି। ଏହି ସମାବେଶକୁ ରାଜ୍ୟ ସଭାପତି ବିକ୍ରମ କେଶରୀ ସାହୁ ଉଦଘାଟନ କରିବା ସହ ସମ୍ପାଦକ ଉଦୟନାଥ ସାହୁ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, ପୃଷ୍ଠପୋଷକ ଗୋବିନ୍ଦ ଚନ୍ଦ୍ର ସାହୁ, ଯୁବ ସଭାପତି ମଙ୍ଗରାଜ ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭରତ ମଣ୍ଡଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଜୟାନନ୍ଦ ସାହୁ ସଂଘର ସଂଗଠନ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲା ବେଳେ ସମ୍ପାଦକ ଭରତ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ସାହୁ ସଭା ପରିଚାଳନା କରିଥିଲେ। ରାଜ୍ୟ ସଭାପତି ଜଣେ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସିଲେଇ ମେସିନ, ଜଣେ ଶିଶୁର ଚିକିତ୍ସା ପାଇଁ ଦଶ ହଜାର ଟଙ୍କା ଏବଂ ମେଧାବୀ ଛାତ୍ରୀ ବର୍ଣ୍ଣାଳୀ ସାହୁଙ୍କ ପାଠପଢ଼ା ପାଇଁ ନଗଦ କୋଡ଼ିଏ ହଜାର ଟଙ୍କା ଅର୍ଥ ରାଶି ସହାୟତା ଦେଇଥିଲେ। ଏହାପରେ ଜିଲ୍ଲା ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଦୁଇ ବର୍ଷ ପାଇଁ ସଭାପତି ରୂପେ ଜୟାନନ୍ଦ ସାହୁ, ଉପସଭାପତି ଅସିତ୍ କୁମାର୍ ସାହୁ, ସମ୍ପାଦକ ଭାରତ ଚନ୍ଦ୍ର ସାହୁ, ସହ ସଂପାଦକ ରୂପେ ପ୍ରଦୀପ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଯଶୋବନ୍ତ ସାହୁ, ଯୁବ ସଭାପତି ରଞ୍ଜିତ କୁମାର ମହାପାତ୍ର, ମହିଳା ସଭାନେତ୍ରୀ ଅନିତା ସାହୁ, ଉପ ସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦିକା ରୂପେ ମିନତି ନାୟକ ମନୋନୀତ ହୋଇଥିଲେ।

# ପରିତ୍ୟକ୍ତ ଜଳାଶୟରେ ବୁଡ଼ି ଶିଶୁ ମୃତ



**ନାଲକୋନଗର, ୨୯ ।୩(ସମିସ):** ନାଲକୋ କଲୋନୀ ସ୍ଥିତ ପଞ୍ଚଶଖା ପାର୍କ ପରିସରରେ ଥିବା ଏକ ପରିତ୍ୟକ୍ତ ଜଳାଶୟରେ ପଡ଼ି ୫ବର୍ଷର ଶିଶୁ ପ୍ରାଣ ହରାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ନାଲକୋ କର୍ମଚାରୀ ଅମର ସାହୁ ନିଜ ପରିବାର ସହ ନାଲକୋ ପଞ୍ଚସଖା ପାର୍କ ନିକଟ କଲୋନୀରେ ରୁହନ୍ତି। ଆଜି ଅପରାହ୍ନରେ ଅମରଙ୍କ ପୁଅ ଆୟୁଷ୍ମାନ ସାହୁ (୫)ଘରୁ ବାହାରି ପାର୍କରେ ଖେଳୁଥିବା ବେଳେ ଉକ୍ତ ପରିତ୍ୟକ୍ତ ଜଳାଶୟରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ପୁଅ ଘରେ ନଥିବା ଜାଣି ଅଜା ଖୋଜା ଖୋଜି କରିବା ପରେ ଉକ୍ତ ପାର୍କ ପରିସରରେ ଥିବା ପରିତ୍ୟକ୍ତ ଜଳାଶୟରେ ଶବ ଭାସୁଥିବା ଦେଖି ଉଦ୍ଧାର କରି ନାଲକୋ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ। ଖବର ପାଇ ନାଲକୋ ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ। ଆୟୁଷ୍ମାନଙ୍କ ପିତା ଅମର ସାହୁ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟ ଗତ ସମସ୍ୟା ଯୋଗୁଁ ଚିକିତ୍ସିତ ହେଉଛନ୍ତି। ପୁଅର ମୃତ୍ୟୁଖବର ପାଇ ପୂରା ପରିବାର ଓ କଲୋନୀବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ଅମରଙ୍କ ନିଜ ଗାଁ କାଣ୍ଡସର ସ୍କୁଲ ସାହିରେ ବୋଲି ଜଣାଯାଇଛି।

# ଉଲ୍ଲୁକ ଶାବକ ଉଦ୍ଧାର



**ବଇଣ୍ଡା, ୨୯ ।୩(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ଅଞ୍ଚଳରୁ ଶୁକ୍ରବାର ଏକ ଉଲ୍ଲୁକ ଶାବକକୁ ଅଞ୍ଚଳବାସୀ ଉଦ୍ଧାର କରିଛନ୍ତି। ଉକ୍ତ ଶାବକକୁ କିଛି କାଉ ଆକ୍ରମଣ କରୁଥିବା ଦେଖି ଗ୍ରାମର ବିକ୍ରମ ବିଶ୍ୱାଳ, ଆନନ୍ଦ ବେହେରା, ସୁବ୍ରତ ସାହୁ ଉଦ୍ଧାର କରିଥିଲେ। ପରେ ପ୍ରାଥମିକ ଚିକିତ୍ସା କରି ଶାବକକୁ ଖାଇବାକୁ ଦେଇଥିଲେ। ଧଣ୍ଡାତୋପା ବନ ବିଭାଗ ସାହାଯ୍ୟରେ ନିକଟରେ ଥିବା ଆମ୍ବତୋଟାରେ ତାକୁ ଛାଡ଼ିଥିବା ଜଣାପଡିଛି।

# ଏରିଆ ପର୍ସନାଲ୍ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧନା



**ତାଳଚେର, ୨୯ ।୩(ସମିସ):** ତାଳଚେର ସେଣ୍ଟ ଜନ୍ ଆମ୍ବୁଲାନସ୍ ଏମସିଏଲ୍ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ଜଗନ୍ନାଥ କ୍ଷେତ୍ରର ଏରିଆ ପର୍ସନାଲ୍ ମ୍ୟାନେଜର ମାନସ ରଞ୍ଜନ ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମସିଏଲ୍ ଆମ୍ବୁଲାନ୍ସ ଡିଭିଜନ୍ କମାଣ୍ଡର ତଥା ଅନୁଗୋଳ ଜିଲ୍ଲା ଅବୈତନିକ ଯୁଗ୍ମ ସଂପାଦକ ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରିବା ସହିତ ଅନୁଷ୍ଠାନ ବିଷୟରେ ଆଲୋଚନା କରିଥିଲେ। ଏରିଆ ପର୍ସନାଲ୍ ମ୍ୟାନେଜର ଶ୍ରୀ ଜେନା ଜଣେ ମେଳାପୀ, ସ୍ୱଷ୍ଟବାଦୀ, ବିଚକ୍ଷଣ, ସୁଦକ୍ଷ, ସହାନୁଭୂତି ସଂପନ୍ନ ଓ ନୀତିବାନ୍ ଅଧିକାରୀ ଭାବେ ପରିଚିତ ଅଛନ୍ତି। ତାଙ୍କ ମାର୍ଗଦର୍ଶନରେ ଏମସିଏଲ୍ ସହିତ ସାରା ଓଡ଼ିଶାରେ ବିଭିନ୍ନ ଦୁର୍ଘଟଣା, ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ, ଭୂମିକମ୍ପ, ବାତ୍ୟା, ବନ୍ୟା, ଗଣଦୌଡ଼, ସାଧାରଣସଭା, ପ୍ରଦର୍ଶନୀ, ମେଳା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରଭୃତି ସେଣ୍ଟ ଜନ୍ ଆମ୍ବୁଲାନ୍ସ ଗାଇଡ୍ ଲାଇନ୍ ଅନୁଯାୟୀ କରାଯାଇଥାଏ। ଏହି ସାକ୍ଷାତ ଆଲୋଚନା ବେଳେ ସାମୂହିକ ବୃତ୍ତିଗତ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ବସନ୍ତ କୁମାର ବରାଳଙ୍କ ସମେତ ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପ୍ରଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ପାଣି, ରଞ୍ଜନ ପ୍ରଧାନ, ଟିକନ ସାହୁ, ଚିତରଞ୍ଜନ ପ୍ରଧାନ, ଦୁଷ୍ମନ୍ତ ସାମଲ, ପ୍ରିୟବ୍ରତ ସାହୁ, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




# ସମଲ ରେଳଷ୍ଟେସନକୁ ଗଡ଼ିଲା ପାସେଞ୍ଜର ଟ୍ରେନ୍




**କଣିହାଁ, ୨୯ ।୩(ସମିସ):** କଣିହାଁ ବ୍ଲକ ଅଞ୍ଚଳ ଦେଇ ରେଳ ଚଳାଚଳ ପାଇଁ ତାଳଚେର ବିମଳାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଗହମ ଗ୍ରାମ ନିକଟସ୍ଥ ଏକ ଯାତ୍ରୀବାହୀ ଟ୍ରେନ୍ ଟ୍ରାଏଲ୍ ସମୟରେ ଆସିଥିବା ବେଳେ ପୁନଃ ତାଳଚେର ଷ୍ଟେସନକୁ ଫେରିଯାଇଛି। ସୂଚନାରୁ ଜଣାଯାଏ, ଗୋଡ଼ିବନ୍ଧ ନିକଟସ୍ଥ ସୁନାଖଣି ଷ୍ଟେସନ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ପୂର୍ବରୁ ସରିଥିବା ବେଳେ ଏବେ ଗହମ ଗ୍ରାମ ନିକଟସ୍ଥ ସମଲ ଷ୍ଟେସନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଛି। କାର୍ଯ୍ୟ କରୁଥିବା ଠିକା ସଂସ୍ଥା ରେଳ ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟର ହସ୍ତାନ୍ତର କରିବା ପରେ ବିଭିନ୍ନ ପର୍ଯ୍ୟାୟରେ ଟ୍ରାଲ୍ ସୋରେ ରେଳ ବିଭାଗ ତରଫରୁ ଚଳାଚଳକୁ ନେଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଶୁକ୍ରବାର ୧୧ଟାରେ ଅନେକ ବଗି ଲାଗିଥିବା ବେଳେ ଯାତ୍ରୀବାହୀ ଟ୍ରେନ୍ ସମଲ ଷ୍ଟେସନରେ ପହଞ୍ଚିଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିବା ବେଳେ ଟ୍ରେନରେ କୌଣସି ପାସେଞ୍ଜର ନଥିବା ବେଳେ ନିଜ ବିଭାଗୀୟ ଅଧିକାରୀ ଯାତ୍ରୀ ଭାବେ ଆସି କାର୍ଯ୍ୟର ତଦାରଖ କରି ଫେରିଯାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳର ଯୁବ ନେତା ତଥା ପୂର୍ବତନ ସମିତି ସଭ୍ୟ ମନୋଜ କୁମାର ପ୍ରଧାନ କହିଛନ୍ତି ଯେ, ସମଲ ପର୍ଯ୍ୟନ୍ତ କାମ ସରିଛି। ଏହା ମଧ୍ୟରେ ଷ୍ଟେସନ ଠାରୁ ଅଳ୍ପ ଦୂରରେ ବାରୁଆଁ ପାହାଡ଼ରେ ଅନୁଗୋଳ ଜିଲ୍ଲାର ଏକମାତ୍ର ରେଲୱେ ଟନେଲ୍ ୮୦୦ ମିଟର ବିଶିଷ୍ଟ ରହିଛି। ଦ୍ରୁତ ଗତିରେ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ଟ୍ରାଏଲ୍ ସୋ ହୋଇଥିଲା, ଖୁବଶୀଘ୍ର ଏହି ଷ୍ଟେସନ ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍ ଚାଲିବାର ବ୍ୟବସ୍ଥା ହେବ ବୋଲି ଆସିଥିବା ଅଧିକାରୀଙ୍କ ପକ୍ଷରୁ ସୁଚନା ମିଳିଛି।

# ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୨୯ ।୩(ସମିସ):** କିଶୋରନଗର ଥାନା କରଡ଼ିଙ୍ଗବାହାଳ ଗ୍ରାମର ରୂପବତୀ ନାୟକଙ୍କୁ ତାଙ୍କ ସ୍ୱାମୀ ପ୍ରବୀର ବେହେରା ନିର୍ଯ୍ୟାତନା ଦେବା ସହ ମାଡ଼ ମାରୁଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୁଲିସ ନମ୍ବର ୭୨/୨୪ରେ ଏକ ମାମଲା ରୁଜୁ କରାଯାଇଛି।

ପୁଲିସ କହିଛି ଯେ, ରୂପବତୀଙ୍କୁ ଅନେକ ସମୟରେ ପ୍ରବୀର ବିନା କାରଣରେ ମାଡ଼ମାରିବା ସହ ନିର୍ଯ୍ୟାତନା ଦେଉଛନ୍ତି। ଏ ପରିକି ଗୁରୁବାର ତାଙ୍କୁ ମାଡ଼ ମାରିବା ସହ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି। ଏ ନେଇ ନମ୍ବର ୭୨/୨୪ରେ ଏକ ମାମଲା ରୁଜୁ କରାଯାଇଛି।



## ବାଇକ୍ ସହ ସାଇକଲ ଧକ୍କା, ୩ ଆହତ

**ପାଣିକୋଇଲି, ୨୯।୩(ସମିସ):** ପାଣିକୋଇଲି ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଆଜି ଏକ ସାଇକଲ ସହ ବାଇକ୍ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ତିନିଜଣ ଆହତ ହୋଇଛନ୍ତି। କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ନିକଟସ୍ଥ ଶାରଙ୍ଗପୁର ଗ୍ରାମର ପ୍ରଫୁଲ୍ଲ ନାୟକ, ତାଙ୍କ ସ୍ତ୍ରୀ ଶ୍ରୀମତୀ ନାୟକ ଓ ପୁତ୍ର ପ୍ରହ୍ଲାଦ ନାୟକ ବାଇକ୍‌ରେ ଭଦ୍ରକ ଯାଉଥିବା ସମୟରେ ଏକ ସାଇକଲରେ ମାଳଆନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ନୁଙ୍ଗୁଗା ଗ୍ରାମର ରଞ୍ଜନ ସାହୁଙ୍କ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ତଳେ ପଡ଼ି ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସାଇକଲକୁ ଜବତ କରାଯାଇଛି।

## ବୋଲେରୋ ଧକ୍କାରେ ଦୁଇ ବାଇକ୍‌ଆରୋହୀ ଆହତ

**ପାଣିକୋଇଲି, ୨୯।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ଆଜି ଅପରାହ୍ନରେ ବାଇକକୁ ବଲୋରୋ ଧକ୍କା ଦେବା ଫଳରେ ବାଇକ ଆରୋହୀ ଓ ସହଯାତ୍ରୀ ଆହତ ହୋଇଛନ୍ତି। କୁଆଖିଆ ଥାନା ଅଞ୍ଚଳର ସୁଶାନ୍ତ ମଲିକ ଓ ପିଙ୍କୁ ଦାସ ବାଇକ୍‌ରେ କୁଆଖିଆରୁ ଯାଜପୁରରୋଡ ଯାଉଥିବାବେଳେ ଚାନ୍ଦପୁର ଛକ ନିକଟରେ ଏକ ବୋଲେରୋ ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ବାଇକ୍‌ରୁ ପଡ଼ି ଦୁଇ ଜଣ ଆହତ ହୋଇଥିଲେ। ଘଟଣାସ୍ଥଳରେ ପାଟ୍ରୋଲିଂ ପୁଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ପାଣିକୋଇଲି ସ୍ୱାସ୍ଥକେନ୍ଦ୍ରରେ ଚିକିତ୍ସା କରିଥିଲେ।

## ଯୁବକଙ୍କ ନିକଟରୁ ବ୍ରାଉନସୁଗର ଜବତ

**ଶଙ୍ଖଚିଲା, ୨୯।୩(ସମିସ):** ଶଙ୍ଖଚିଲା ଫାଣ୍ଡିକୁ ଆସିଥିବା ଜଣେ ଯୁବକଙ୍କ ନିକଟରୁ ବ୍ରାଉନସୁଗର ଜବତ କରିଛି ପୁଲିସ। ଶଙ୍ଖଚିଲା ଅଞ୍ଚଳରୁ ଜଣେ ମହିଳା ନିଖୋଜ ନେଇ ତାଙ୍କ ଶଶୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ସେହି ନିଖୋଜ ମହିଳାଙ୍କ ବାପଘର ଲୋକ ମଧ୍ୟ ଫାଣ୍ଡିରେ ପହଞ୍ଚିଥିଲେ। ଏ ନେଇ ଉକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଫାଣ୍ଡିକୁ ଡକାଯାଇଥିଲା। ତାଙ୍କ ଉପରେ ପୂର୍ବରୁ ପୁଲିସର ସନ୍ଦେହ ରହିଥିଲା। ସେ ଥାନାରେ ପହଞ୍ଚିବା ପରେ ତାକୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ପୁଟୁଳାରେ ଭର୍ତ୍ତି ବ୍ରାଉନସୁଗର ଜବତ କରାଯାଇଥିଲା। ପାଣିକୋଇଲି ଥାନାକୁ ଜଣାଇବା ପରେ ପୁଲିସ ଯାଇ ତାକୁ ଧରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଉକ୍ତ ଯୁବକ ଜଣଙ୍କ ଶଙ୍ଖଚିଲା ଅଞ୍ଚଳର ଖମଣ ପଞ୍ଚାୟତ ଅନ୍ତର୍ଗତ ରାଧାନଗରପାଟଣା ଗ୍ରାମର ଲକ୍ଷ୍ମୀଧର ପୃଷ୍ଟିଙ୍କ ପୁଅ ସୌମ୍ୟରଞ୍ଜନ ପୃଷ୍ଟି ବୋଲି ସୂଚନା ମିଳିଛି।

## ବିଜେଡି ନେତାଙ୍କ ଅକାଳବିୟୋଗ



**ବାଲିଚନ୍ଦ୍ରପୁର, ୨୯।୩ (ସମିସ):** ରାଜ୍ୟ ଛାତ୍ର ବିଜେଡିର ପୂର୍ବତନ ସମ୍ପାଦକ ଅସିତ କୁମାର ସାମଲଙ୍କ ନିମୋନିଆ ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ବୟସ ହୋଇଥିଲା। ବଡ଼ଚଣା ବ୍ଲକ ବରଦା ଗ୍ରାମ ନିବାସୀ ଯୁବ ଉଦ୍ୟୋଗୀ ଅସିତ ଜଣେ ଆଧ୍ୟାତ୍ମିପ୍ରେମୀ ଓ ସମାଜସେବୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବଡ଼ଚଣାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ବିଜେଡି ନେତା ସୁବାସ ଚନ୍ଦ୍ର ନାୟକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଅସିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ନାତି।

### ବୈତରଣୀ ଗର୍ଭରେ ବିଜେ ମା' ସାଆଁଳାଶୁଣି

# ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**କୋରେଇ, ୨୯।୩(ସମିସ)**

ବିଶ୍ୱର ସବୁ ସ୍ଥାନରେ ମାତୃଶକ୍ତିର ସ୍ଥିତି ରହିଛି। ବିଭିନ୍ନ ପୁରାଣ, ସଂସ୍କୃତି, ଭାଷା, ସାହିତ୍ୟ, ଇତିହାସରେ କେବଳ ଆମ ଭାରତବର୍ଷ କାହିଁକି ଦେଶ ବିଦେଶରେ ବିଭିନ୍ନ ରୂପ ଓ ବିଭିନ୍ନ ନାମରେ ମାତୃଶକ୍ତିର ଉପାସନା ପାରମ୍ପରିକ ଭାବେ ଚଳିଆସୁଥିବା ଦେଖାଯାଏ। ଏହି ମାତୃଶକ୍ତି ହିଙ୍ଗୁଳା, ମଙ୍ଗଳା, ଚଣ୍ଡୀ, ଥାନପତି, କାମୁଡ଼େଇ, କନ୍ଧୁଣିଦେବୀ, ସିଂହାସନୀ, ମା' ବୁଢ଼ୀ ଠାକୁରାଣୀ, ମା' ଶାଙ୍କୁଳାଇ, ନାରାୟଣୀ, ତାରାତାରିଣୀ, ତାରିଣୀ, ଶାରଳା, ରଣଘଣ୍ଟା, ବିମଳା, ଘଣ୍ଟେଶ୍ୱରୀ, ସମଲେଶ୍ୱରୀ, ରାମଚଣ୍ଡୀ, ପାତାଳଶ୍ୱରୀ, ବନଦେବୀ ସହିତ ବିଭିନ୍ନ ଗ୍ରାମ ଦେବତୀ ରୂପେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଥିବାବେଳେ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତର ସାଆଁଳାଠାରେ ବୈତରଣୀ ନଦୀ ଗର୍ଭରେ ବିଜେ ମା' ସାଆଁଳାଶୁଣି। ଏହି ପୀଠର ଉନ୍ନତିକରଣ କରାଯିବା ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

ମା' ସାଆଁଳଶୁଣି ଏ ଅଞ୍ଚଳରେ ଏକ ପ୍ରସିଦ୍ଧ ମାତୃଶକ୍ତି ପୀଠ। କାହିଁ କେଉଁ କାଳରୁ ଏଠାରେ ବିରାଜମାନ କରିଛନ୍ତି ମା' ସାଆଁଳାଶୁଣି। ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜନଶ୍ରୁତି ଅନୁଯାୟୀ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ବର୍ଷ ତଳେ ସ୍ଥାନୀୟ ଅଞ୍ଚଳରେ ରାଧାପ୍ରସନ୍ନ ଦାସ ନାମକ ଜଣେ ଜମିଦାର ରହୁଥିଲେ। ଜମିଦାରଙ୍କ କୌଣସି ସନ୍ତାନ ନ ଥିଲେ। ସେ ସର୍ବଦା ଦୁଃଖରେ ରହୁଥିଲେ। ସନ୍ତାନଟିଏ ପାଇଁ ଠାକୁରଙ୍କୁ ଗୁହାରି କରୁଥିଲେ। ଦିନେ ଜମିଦାର ସ୍ୱପ୍ନରେ ଦେଖିଲେ ନଦୀରେ ଏକ ମୂର୍ତ୍ତି ଭାସି ଆସି ଏକ ସାହାଡ଼ା ଗଛ ନିକଟରେ ଲାଗିଛି। ସେହି ମୂର୍ତ୍ତିକୁ ସେ ପ୍ରତିଷ୍ଠା କରି ପୂଜା କରିବାରୁ ତାଙ୍କର ସନ୍ତାନପ୍ରାପ୍ତି ହୋଇଛି। ପରଦିନ ଜମିଦାର ସେହି ସାହାଡ଼ା ଗଛ ନିକଟରେ ପହଞ୍ଚି ଦେଖିଲେ ମା'ଙ୍କ ଏକ ମୂର୍ତ୍ତି ପଡ଼ିଛି। ସେ ମା'ଙ୍କ ମୂର୍ତ୍ତି ସେଠାରେ ସ୍ଥାପନା କରାଇ ପୂଜାର୍ଚ୍ଚନା କଲେ। ମା'ଙ୍କ ଆଶୀର୍ବାଦରୁ ଜମିଦାରଙ୍କୁ ସନ୍ତାନପ୍ରାପ୍ତି ହୋଇଥିଲା। ଏପରି ଅନେକ ଅଲୌକିକ କଥା ମା'ଙ୍କ ବିଷୟରେ ଲୋକମୁଖରୁ ଶୁଣାଯାଏ। ସେହିଦିନଠାରୁ ବୈତରଣୀ ନଦୀ ଗର୍ଭର ସେହି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଆସୁଛି।



କିନ୍ତୁ ପରିତାପର ବିଷୟ ନଦୀ ଗର୍ଭରେ ମା' ପୂଜା ପାଉଥିବାରୁ ବନ୍ୟା ସମୟରେ ମା'ଙ୍କ ମୂର୍ତ୍ତି ପାଣିରେ ଭାସି ଯାଏ। ବନ୍ୟା ଛାଡ଼ି ଗଲେ ସ୍ଥାନୀୟ ଲୋକେ ମା'ଙ୍କ ମୂର୍ତ୍ତି ଖୋଜି ଆଣି ପୁନଃ ପ୍ରତିଷ୍ଠା କରାଇ ପୂଜାର୍ଚ୍ଚନା କରାଯାଏ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକ ଓ ପ୍ରଶାସନ ଉଦ୍ୟମରେ ପୀଠର ଉନ୍ନତିକରଣ ସ୍ୱରୂପ ଏଠାରେ ଏକ ମନ୍ଦିର ସହିତ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ ଏହି ପୀଠର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରାଯାଉ। କାରଣ ଏହା ଏକ ସୁନ୍ଦର ପରିବେଶ ତଥା ବୈତରଣୀ ନଦୀ ଗର୍ଭରେ ସ୍ଥାପନ ହୋଇଥିବାରୁ ଏହି ପୀଠଟି ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବହୁ ପର୍ଯ୍ୟଟକ ଆମୋଦ ପ୍ରମୋଦ ଲାଗି ଏଠାକୁ ଆସିଥା'ନ୍ତି। ଅନେକ ପର୍ବ ଏଠାରେ ପାଳନ କରାଯାଉଥିବାରୁ ଏହି ପୀଠରେ ସର୍ବଦା ଜନସମାଗମ ଲାଗି ରହିବା ସହିତ ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ଏଠାରେ ଭିଡ଼ ଲାଗି ରହିଥାଏ। ଏଠାରେ ବହୁ ବଡ ବଡ ପୁରାତନ ବରଗଛ ଦେଖିବାକୁ ମିଳେ। ମକର ପୂର୍ଣ୍ଣିମାରେ ଏଠାରେ ମେଳା ବସେ। ଏହି ମେଳାକୁ ଯାଜପୁର ଜିଲ୍ଲାର ଲୋକ ଆସିବା ସହିତ ଭଦ୍ରକ, କେନ୍ଦୁଝର ଆଦି ପଡୋଶୀ ଜିଲ୍ଲାରୁ ବହୁ ଶ୍ରଦ୍ଧାଳୁ ଆସିଥା'ନ୍ତି। ଏହି ପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ନିମନ୍ତେ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି।

## ୩୧ରୁ ନକ୍ଷତ୍ରମାଳିନୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ଯାଜପୁର, ୨୯।୩ (ସମିସ)**




ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତ ଅନ୍ତର୍ଗତ ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଚଳିତ ମାସ ୩୧ ଓ ଏପ୍ରିଲ ୧ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବକୁ ସଫଳ କରିବାକୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ପକ୍ଷରୁ ଜୋରସୋରରେ ଉଦ୍ୟମ କରାଯାଇଛି। ବିଦ୍ୟାଳୟ ପରିସରରେ ସ୍ମୃତିସ୍ୱରୂପ ସୁବର୍ଣ୍ଣ ସୌଧ ନିର୍ମାଣ କରାଯାଇଥିବାବେଳେ ଏକ ସ୍ମରଣିକା ନକ୍ଷତ୍ରାୟନ ଡଃ ପର୍ଶୁରାମ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରକାଶିତ ହେବାର କାର୍ଯ୍ୟକ୍ରମ ରହିଛି। ଆନୁଷ୍ଠାନିକ ଉତ୍ସବ ଆରମ୍ଭ ପୂର୍ବରୁ ପଞ୍ଚାୟତରେ ରାଲି ଓ ଛାତ୍ରଛାତ୍ରୀଙ୍କୁ ନେଇ ସାସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

ମାର୍ଚ୍ଚ ୩୧ରେ ଏହି ଉତ୍ସବକୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ କରିବେ। ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେବେ। ଅପରାହ୍ନରେ ପ୍ରଥମ ଅଧିବେଶନରେ ଯାଜପୁର ଐତିହ୍ୟ ଓ ସଂସ୍କୃତି ଉପରେ ଆଲୋଚନା ହେବ। ସାହିତ୍ୟିକ ଓ ସ୍ତମ୍ଭକାର ଡଃ ନିରଞ୍ଜନ ପାଢ଼ୀ ମୁଖ୍ୟଅତିଥି ଓ ଓଡ଼ିଶା ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡଃ ହରିହର କାନୁନଗୋ ମୁଖ୍ୟବକ୍ତା ଭାବେ ଯୋଗଦେବେ। ସନ୍ଧ୍ୟାରେ ବନ୍ଧୁମିଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏପ୍ରିଲ ୧ ତାରିଖରେ ଦୁଇଟି ଅଧିବେଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବାହ୍ନ ଅଧିବେଶନରେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡଃ ସତ୍ୟକାମ ମିଶ୍ର ମୁଖ୍ୟଅତିଥି ଓ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନରେ ପୁରାତନ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସ୍ମୃତି ଓ ଅନୁଭୂତି ଶୀର୍ଷକ ଆଲୋଚନା ହେବ। ଅବସରପ୍ରାପ୍ତ ଆଇଏଏସ୍ ତଥା ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟଅତିଥି ଓ ଓଡ଼ିଶା ଶିକ୍ଷା ସେବାର ଡଃ ସନାତନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେବାକୁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ସନ୍ଧ୍ୟାରେ ସାସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ସଫଳ କରିବା ଲାଗି ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡଃ ପୁରୁଷୋତ୍ତମ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଡଃ ଶରତ କୁମାର ବିଶ୍ୱାଳ ଓ ସମ୍ପାଦକ ପାର୍ଥପ୍ରତୀମ ବିଶ୍ୱାଳ ଅନୁରୋଧ କରିଛନ୍ତି।

## ଶିକ୍ଷକଙ୍କ ବିୟୋଗରେ ଶୋକ



**ଯାଜପୁର, ୨୯।୩ (ସମିସ):** ବର୍ଷୀୟାନ ଶିକ୍ଷକ ରାଘବ ଚନ୍ଦ୍ର ମଲ୍ଲିକଙ୍କ ୮୧ ବର୍ଷରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ଶିକ୍ଷକତା କରିବା ପରେ ଛତିଶଦେବିଲର ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ସେ ତାଙ୍କ କୁଆଖିଆ ବରାଂଶସ୍ଥ ବାସଭବନରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଛତିଶଦେବିଲ, ଜନ୍ମସ୍ଥାନ ଟିକରପଡ଼ା ପଞ୍ଚାୟତର କୁଜିବର ଗ୍ରାମ ଓ ଜିଲ୍ଲା ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ଶିକ୍ଷକ ତଥା ସହକର୍ମୀ ଆନନ୍ଦ ବିଶ୍ୱାଳ, ଜୟରାମ ବିଶ୍ୱାଳ, ଛତିଶଦେବିଲର ପୂର୍ବତନ ସରପଞ୍ଚ ଅଶ୍ୱିନ ବିଶ୍ୱାଳ, ପଞ୍ଚାୟତ ସଭାପତି କୁଳମଣି ବିଶ୍ୱାଳ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ନକ୍ଷତ୍ରମାଳିନୀ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ଡଃ ପୁରୁଷୋତ୍ତମ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ତଥା ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡଃ ଶରତ ବିଶ୍ୱାଳ ଓ ସମ୍ପାଦକ ପାର୍ଥପ୍ରତୀମ ବିଶ୍ୱାଳ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ମଲ୍ଲିକଙ୍କୁ ଶୋଭାଯାତ୍ରାରେ କୁଜିବରକୁ ନିଆଯାଇ ଯାଜପୁର ବାରୁଣୀ ପଡ଼ିଆରେ ଅନ୍ତିମ ସଂସ୍କାରବେଳେ ବଡ଼ପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ପୁତ୍ର ଅଶୋକ, ଅରୁଣ, ଅଭୟ, ଦୁଇ ଝିଅ ସରୋଜିନୀ ଓ ପଙ୍କଜିନୀଙ୍କ ସହ ଜ୍ୱାଇଁ ଓ ବୋହୂମାନେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ନକ୍ଷତ୍ରମାଳିନୀ ଉଚ୍ଚବିଦ୍ୟାଳୟରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ଶିକ୍ଷକମାନେ ସ୍ୱର୍ଗତ ରାଘବ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## କାଙ୍କଲା ଗ୍ରାମରେ ଅଗ୍ନିକାଣ୍ଡ

ପାଣିକୋଇଲି, ୨୯।୩(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ କାଙ୍କଲା ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କାଙ୍କଲା ଗ୍ରାମର ବଟକୃଷ୍ଣ ସାହୁ ଓ ପଞ୍ଚାନନ ସାହୁଙ୍କ ଖଞ୍ଜା ଘରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଆସବାବପତ୍ର ପୋଡ଼ିଯାଇଛି। ପାଣିକୋଇଲି ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ ସଦଳବଳେ ପହଞ୍ଚିବା ସହ ଯାଜପୁରରୋଡ ଦମକଳ ବାହିନୀ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ଦୋଳ ମେଳଣ













**ଧର୍ମଶାଳା, ୨୯।୩(ସମିସ):** ଧର୍ମଶାଳା ଅଞ୍ଚଳର ବହୁ ପୁରାତନ ଐତିହାସିକ ମୁନସୀ ମେଳଣ ଗୁରୁବାର ସନ୍ଧ୍ୟାରେ ବସି ଶୁକ୍ରବାର ଶେଷ ହୋଇଛି। ଏହି ମେଳଣ ୧୪୮ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ମେଳଣରେ ଢିହସାହି, ହରିପୁର, ଠାକୁର ମଠ, କୋଳଥଳ, ଓରାଳି, ନୂଆମିର୍ଜାପୁର, କୁଣ୍ଡପାଟଣା, ଗୋପାଳପୁର, ଚକଗୋପାଳପୁର, ଚହଟା ଗୋପୀନାଥ, ଚହଟା ବୃନ୍ଦବନ ବିହାରୀ, ବାଲିଗରି, ନରସିଂହପୁର, ବଡଚଣାବାରି, ବଣ୍ଟରା, ଅଚ୍ୟୁତପୁର, ନୀଳାଦେଇପୁର, ଦକ୍ଷୀଣଶାସନ ଆଦି ୩୨ଟି ବିମାନ ମେଳଣ ପଡ଼ିଆକୁ ଆସିଥିଲେ। ହାଟପିଆସ୍ଥ ଥାନପତି ଚାରାରେ ବିରାଜମାନ ହୋଇଥିଲେ। ଯାଜପୁର ଏସପି ବିନିତ ଅଗ୍ରୱାଲ, ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଆଜି ମଧ୍ୟାହ୍ନରେ ଅନୁଷ୍ଠାନର ସଭାପତି ତପନ କୁମାର ନାୟକ ଓ କାର୍ଯକାରୀ ସଭାପତି ବିପିନ ବିହାରୀ ନାୟକ, ସମ୍ପାଦକ ଜଳଧର ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ଦାସ, ସଭ୍ୟ ବସନ୍ତ କୁମାର ପରିଡ଼ା, ସନ୍ତୋଷ ଜେନା, ଗଙ୍ଗାଧର ମହାରଣା, ଅଜୟ ନାୟକଙ୍କ ସମେତ ଅନୁଷ୍ଠାନର ଅନ୍ୟ ସଦସ୍ୟ ଭୋଗ ଲାଗି କରିଥିଲେ।

**ଯାଜପୁର:** ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁର ସର୍ବପୁରାତନ ବରୁଆଁ ମେଳଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମେଳଣ କମିଟିର ସ୍ଥାୟୀ ସଭାପତି ବାଲିଆ ସାମନ୍ତସିଂହାରଙ୍କ ଅନୁପସ୍ଥିତିରେ ଉପସଭାପତି ଉଚ୍ଛାଳ ବିହାରୀ ଚୌଧୁରୀ, ସତ୍ୟସୁନ୍ଦର ମହାପାତ୍ରଙ୍କ ସମେତ ପରିଚାଳନା କମିଟି ସଭ୍ୟ ରମେଶ ଚନ୍ଦ୍ର ମିଶ୍ର, ବିଜନ ବିହାରୀ ମହାନ୍ତି, ନିତ୍ୟାନନ୍ଦ ବିଶ୍ୱାଳ, ସୂର୍ଯ୍ୟନାରାୟଣ ମିଶ୍ର, ଅଶୋକ ମହାନ୍ତି, ଦେବେନ୍ଦ୍ର ମିଶ୍ର, ସୁକାନ୍ତ ବିଶ୍ୱାଳ, କୁଞ୍ଜବିହାରୀ ରାୟ, ବ୍ରଜକିଶୋର ପାଢ଼ୀ, ଅଶ୍ୱିନୀ ବିଶ୍ୱାଳ, ଗଦାଧର ଦାସ, ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ସମସ୍ତ ଠାକୁର ବାଡିଆଙ୍କ ପ୍ରତିନିଧି ଉପସ୍ଥିତ ରହି ମେଳଣକୁ ପରିଚାଳନା କରିଥିଲେ।

ଏହି ମେଳଣ ପ୍ରାଚୀନ ଐତିହାସିକ ସ୍ମାରକୀ ସ୍ୱରୂପ ପାରମ୍ପରିକ ପ୍ରଥାନୁଯାୟୀ ଠାକୁରମାନେ ମଣି ବିମାନରେ ପାଟପଟୁଆର ସହ ପଡ଼ିଆକୁ ଆସି ବକ୍ଷଣ, ବାଜା, ରୋଷଣୀ, କୀର୍ତ୍ତନ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ଚଳିତ ବର୍ଷ ଥାନପତି ବରୁଆଁର ରାଧା ଗୋପୀନାଥଜୀଉ ସର୍ବପ୍ରଥମେ ଦୋଳ ମଣ୍ଡପରେ ବିଜେ ହୋଇଥିଲେ। ପୁରୁଷୋତ୍ତମପୁରର ରାଧାଗୋପାଳ ଚନ୍ଦ୍ର ଜୀଉ, ସୁଜନପୁରର ରାଧାଗୋପୀନାଥ ଜୀଉ, ରାଧା ବୃନ୍ଦାବନଚନ୍ଦ୍ର ଜୀଉ, ହସନପୁରର ରଘୁନାଥଜୀଉ, ଗୋପାଳଜୀଉ, ନରସିଂହପୁର ଦାସ ସାହିର ରାଧା ଅନନ୍ତ ଦେବ ଜୀଉ, ନୌପଡ଼ାର ରାଧା ଲକ୍ଷ୍ମୀନାରାୟଣ ଜୀଉ, ଚିତାହଟାର ରାଧା ଶ୍ୟାମସୁନ୍ଦର ଜୀଉ, ରକ୍ଷିପୁରର ଗୋପୀନାଥ ଜୀଉ, ମିର୍ଜାପୁରର ରାଧା ଶ୍ୟାମସୁନ୍ଦରଙ୍କ ସମେତ ୫୦ରୁ ଅଧିକ ଠାକୁର ଦୋଳ ମଣ୍ଡପରେ ବିଜେ କରିଥିଲେ।

**କୁଆଖିଆ:** ରସୁଲପୁର ବ୍ଲକର କୋଳଥଳ ମେଳଣ ଅନୁଷ୍ଠିତ ହୋଇଛି। ମେଳଣ ପଡ଼ିଆର ପଞ୍ଚଗୋଛିଆ ଗ୍ରାମର ରାଧାଗୋବିନ୍ଦ ଜୀଉ, ଚଣ୍ଡୀପୁର, ଖୋସାଲପୁର, ସଦାନନ୍ଦପୁର ଗ୍ରାମର ବିମାନ ଚତୁପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଫଗୁ ଖେଳିଥିଲେ। ଠାକୁର ବାଡ଼ିଆଙ୍କ ପକ୍ଷରୁ ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ କୋଳଥଳ ଗ୍ରାମର ଗୋପାଳଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲା। ପରେ ସମସ୍ତ ବିମାନ ଏକତ୍ରିତ ହୋଇଥିଲେ। କମିଟି ପକ୍ଷରୁ ସେମାନଙ୍କ ନିକଟରେ ଭୋଗ ଲାଗି କରାଯିବା ପରେ ବିଦାୟ ଦିଆଯାଇଥିଲା। ସେହିପରି ରସୁଲପୁର ବ୍ଲକର ଖଣ୍ଡିତର ମେଳଣ ମହାସମାରୋହରେ ପାଳିତ ହୋଇଛି। ମେଳଣ ପଡ଼ିଆର ପଞ୍ଚାଗୋଛିଆ ଗ୍ରାମର ରାଧାଗୋବିନ୍ଦ ଜୀଉ, ନୂଆହାଟ, ଗନ୍ଧଣ, ଗୋପାଳପୁର, ଗୋବିନ୍ଦପାଟଣା, ଚଢେଇଧରା, ଇଚ୍ଛାପୁର, ଦୌଲତପୁର, କେଶରପଡ଼ା ତଳସାହି, ଉପରସାହି, ମହାଖଳା, ହରିଦାସପୁରର ଶ୍ରୀବନ୍ତପୁର, ବାଟିଜଙ୍ଗା, ବିଲିପଡ଼ା ଗ୍ରାମର ବିମାନ ଦଣ୍ଡାୟମାନ ହୋଇ ଫଗୁ ଖେଳିଥିଲେ।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତର ପ୍ରସିଦ୍ଧ ମାଳହାଟ ମେଳଣ ଗୁରବାର ଉଦଯାପିତ ହୋଇଛି। ଚଳିତ ବର୍ଷ ୭୬ ବର୍ଷ ପୂରଣ କରିଥିବା ଏହି ମେଳଣ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ମେଳଣରେ ୮ଟି ବିମାନ ଯୋଗ ଦେଇଥିଲେ। ବିଛାଖଣ୍ଡି ଗ୍ରାମର ଥାନପତି ଶ୍ରୀମଦନମୋହନ ଜୀଉ, ନେଉଳପୁର ସୁନ୍ଦୁରିଆ ଠେଙ୍ଗିଆ ମଠର ଶ୍ରୀଶ୍ରୀ ଶିଶୁ ଅନନ୍ତ, ମହିମା ଗାଦି ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉ, ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ନୂଆହାଟ, ଶ୍ରୀଗୋପୀନାଥ ଜୀଉ ଗଙ୍ଗାଧରପୁର, ଶ୍ରୀରାଧାକୃଷ୍ଣ ଜୀଉ ପାଟପୁର, ଶ୍ରୀବୃନ୍ଦାବନ ଜୀଉ ସମ୍ପାରୁ, ଶ୍ରୀବୃନ୍ଦାବନ ଜୀଉ କଳାଣ୍ଡ, ଶ୍ରୀରାଧାକୃଷ୍ଣ ଜୀଉ ନିତ୍ୟାନନ୍ଦପୁର ବିମାନ ସାମିଲ ଥିଲେ। ମେଳଣ ବୁଧବାର ସନ୍ଧ୍ୟାରେ ଆରମ୍ଭ ହୋଇ ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମେଳଣ କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ଜେନାପୁର ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ବାଲିଚନ୍ଦ୍ରପୁର:** ବହୁ ପୁରାତନ ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଶେଷ ହୋଇଛି। ଥାନପତି ବିମାନ ଭାବେ ବାଲିଚନ୍ଦ୍ରପୁର ଗ୍ରାମର ଶ୍ରୀଶ୍ରୀ ରାଧାକାନ୍ତ ଜୀଉଙ୍କୁ ବାଜା ବାଣ ଓ ନାମ ସଂକୀର୍ତ୍ତନ ସହିତ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଥମେ ମେଳଣ ସ୍ଥଳକୁ ଅଣାଯାଇଥିଲା। ପରେ ପତରାଜପୁର, ନାନପୁର, ଆମ୍ବସୌରୀ, ମାଣିତ୍ରୀ, ମାଟିପାରିଲୋ, ବିଲିପଡ଼ା, ଅକରପଡ଼ା, ନାନପୁରପଟଣା, ରୁକୁଟିପାଟ, ଅଶିଳା, ସାହାସପୁର ଓ ସୋରଳ ଆଦି ବିଭିନ୍ନ ସ୍ଥାନରୁ ୧୮ଟି ବିମାନ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ଏ ଅବସରରେ କମିଟି ପକ୍ଷରୁ ସମସ୍ତ ବିମାନର ସତ୍ତ୍ୱାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଚନ୍ଦ୍ରପୁର ଗ୍ରାମ କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ା, ସମ୍ପାଦକ ଅଧ୍ୟାପକ ସଂଗ୍ରାମ ପରିଡ଼ା ଓ କର୍ମକର୍ତ୍ତା ପ୍ରଫୁଲ୍ଲ ପରିଡ଼ା, ନାରାୟଣ ଚନ୍ଦ୍ର ପଣ୍ଡା, ଚୌଧୁରୀ ଧୀରେନ୍ଦ୍ର କୁମାର ପରିଡ଼ା, ବଟକୃଷ୍ଣ ସାହୁ, ବ୍ରଜକିଶୋର ସାହୁ, ପ୍ରକାଶ ଚନ୍ଦ୍ର ସାମଲ, ବିଜୟ କୁମାର ପରିଡ଼ା, ରାଧୁ ଚରଣ ପରିଡ଼ା, ପ୍ରେମାନନ୍ଦ ପରିଡ଼ା, ଅଶୋକ ପରିଡ଼ା, କାର୍ତ୍ତିକ ଚନ୍ଦ୍ର ସେଠୀ, ଏକାଦଶୀ ସେଠୀ ଓ ବସନ୍ତ କୁମାର ସେଠୀ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ବାଲିଚନ୍ଦ୍ରପୁର ଥାନାଧିକାରୀ ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ପୋଲିସ ବାହିନୀ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ଶଙ୍ଖଚିଲା:** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ଶଙ୍ଖଚିଲା ହାଟ ପଡ଼ିଆରେ ପ୍ରସିଦ୍ଧ ଶଙ୍ଖଚିଲା ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଥାନପତି ଗୋଡ଼ିପାଟଣା ଗ୍ରାମର ଶ୍ରୀଶ୍ରୀ ମଦନମୋହନ ଜୀଉଙ୍କ ଆଗମନ ପରେ ରାଧାନଗରପାଟଣାର ଶ୍ରୀଶ୍ରୀ ବୃନ୍ଦାବନ ଚନ୍ଦ୍ର ଜୀଉ ବିରାଜମାନ କରିଥିଲେ। ଏହି ଉତ୍ସବରେ ମଠପାଟଣା ଗ୍ରାମର ରଘୁନାଥ ଜୀଉ, ଠାକୁରପାଟଣା ଗ୍ରାମର ରାଧାକୃଷ୍ଣ ଜୀଉ, ବଢେଇଟିକର ଗ୍ରାମର ଗୋପୀନାଥ ଜୀଉଙ୍କ ଭଳି ପାଖାପାଖି ଦୁଇଶହରୁ ଊର୍ଦ୍ଧ୍ୱ ଦୋଳ ବିମାନର ସମାଗମ ଦେଖିବାକୁ ମିଳିଥିଲା। ଗୋଡ଼ିପାଟଣା ଗ୍ରାମର ମୁଖ୍ୟ ପ୍ରଭାତ ପୋଥାଳ, ମାଧବ ଚନ୍ଦ୍ର ସାହୁ, ରଘୁନାଥ ସାହୁ, ଗଜେନ୍ଦ୍ର ମହାକୁଡ଼, ସୁରେନ୍ଦ୍ର ସାହୁ, ଧନେଶ୍ୱର ନାଥ ଓ ରାଧାନଗରପାଟଣା ଗ୍ରାମର ମୁଖ୍ୟ କୈଳାସ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ସାହୁ, ଖଗେଶ୍ୱର ପୃଷ୍ଟି, କୃଷ୍ଣଚନ୍ଦ୍ର ସାହୁ ଓ ଅଚ୍ୟୁତାନନ୍ଦ ସାହୁ ଓ ଶଙ୍ଖବାସୀ ସହଯୋଗ କରିଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକର ମଙ୍ଗଳପୁର ପରିବା ମାର୍କେଟଠାରେ ଗୋପୀନାଥଜୀଉ ମେଳଣ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ମେଳଣ କମିଟି ପକ୍ଷରୁ ଆୟୋଜିତ ଏହି ମେଳଣରେ ପ୍ରଥମେ ମଙ୍ଗଳପୁରର ଗୋପୀନାଥଜୀଉ ଠାକୁର ଥାନପତି ଭାବେ ଆସି ମେଳଣ ପଡ଼ିଆରେ ବିଜେ ହୋଇଥିଲେ। ପରେ ଆଖପାଖ ଅଞ୍ଚଳରୁ ଶତାଧିକ ଠାକୁର ବିମାନରେ ଆସି ମେଳଣ ପଡ଼ିଆରେ ପହଞ୍ଚି ଥିଲେ। ପରେ ରାତି ପ୍ରାୟ ୨ଟା ସମୟରେ ମେଳଣ ପଡ଼ିଆର ମୁଖ୍ୟ ପୂଜକ ନିତ୍ୟାନନ୍ଦ ପଣ୍ଡା ଭୋଗ ଲାଗି କରିବା ପରେ ସମସ୍ତ ବିମାନ ବିଦାୟ ନେଇଥିଲେ। ମେଳଣ କମିଟି କର୍ମକର୍ତ୍ତା ସୁନୀଲ ରାୟ, ପରୀକ୍ଷିତ ରାୟ, ପ୍ରଶାନ୍ତ ରାୟ, ପ୍ରଦୀପ ମହାପାତ୍ର, ସଞ୍ଜୟ ରାୟ, ଇନ୍ଦ୍ରମଣି ବେହେରା, ଅଭିମନ୍ୟୁ ମହାନ୍ତି ପ୍ରମୁଖ ମେଳଣ ପରିଚାଳନା କରିଥିଲେ। ସେହିପରି କନିକାପଡ଼ା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ଗୋରୁ ହାଟ ପଡ଼ିଆରେ ଓଳସାଇ ମେଳଣ ୨୬ ତାରିଖରେ ଆରମ୍ଭ ହୋଇଥିବାବେଳେ ଆଜି ଉଦଯୋପିତ ହୋଇଛି। ଛଚିଣା ଚୌଧୁରୀ ଦେବପ୍ରସନ୍ନ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଓଳସାଇ ମେଳଣରେ ଥାନପତି ଭାବେ ଛଚିଣାର ଶ୍ରୀଶ୍ରୀ ବୃନ୍ଦାବନ ଚନ୍ଦ୍ର ପଡ଼ିଆରେ ଆସ୍ଥାନ ଜମାଇଥିଲେ।

# ଆରମ୍ଭହେଲା ବାଲିଆ ମେଳଣ; ଡିଜେ, ବାଣ ମନା

ଡେରାବିଶ, ୨୯।୩(ସମିସ)

ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଫଗୁ ଦୋଳ ପର୍ବ ଦୀର୍ଘ ଏକ ସପ୍ତାହ ଧରି ଅବିର ରଙ୍ଗରେ ସମଗ୍ର ରାଜ୍ୟକୁ ରଙ୍ଗାୟିତ କରିଥିବା ବେଳେ ଚଳିତ ବର୍ଷ ପାଇଁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଏହି ପର୍ବ। ପୂର୍ଣ୍ଣମୀ ପରେ ପଞ୍ଚୁଦୋଳ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତରେ ପ୍ରସିଦ୍ଧ ବାଲିଆ ମେଳଣ ଆରମ୍ଭ ହୋଇଛି। ପଞ୍ଚମୀ ତିଥି ଅବସରରେ ଶୁକ୍ରବାର ପୂର୍ବାହ୍ନରେ ବାଲିଅ ମେଳଣ ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ମେଳଣରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାର ଦୋକାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଲାଙ୍କ ପାଇଁ ରାମଦୋଳି, ମେଳଣସ୍ଥଳୀକୁ ଆକର୍ଷିତ କରିଛି। ୩ ଶହରୁ ଅଧିକ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ମେଳଣରେ ୮୦ରୁ ଊର୍ଦ୍ଧ୍ୱ ବିମାନ ସମ୍ମିଳିତ ହୋଇଥିଲେ। ପରମ୍ପରା ଅନୁଯାୟୀ ସ୍ଥାନୀୟ ହରିନବାବୀ ମଠ ବିମାନ ମେଳଣର ଥାନପତି ଭାବେ ଆଜି ପୂର୍ବାହ୍ନରେ ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ପଟୁଆର ମଧ୍ୟରେ ପଡ଼ିଆ ମଧ୍ୟରେ ପ୍ରବେଶ କରିଥିଲେ। କ୍ରମାନ୍ୱୟରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ପଟୁଆର ସହ ପଡ଼ିଆ ମଧ୍ୟରେ ପ୍ରବେଶ କରିବା ସହ ଉପବେସନ କରିଥିଲେ। ତେବେ ବାଲିଆ ଜମିଦାରଙ୍କ ବିମାନରେ ଶ୍ରୀ ଗୋପିନାଥଜୀଉ ରାତି ୧୦ଟା ସୁଦ୍ଧା



ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଣ ଓ ଡିଜେ ଉପରେ କଟକଣା ଥିବାରୁ କୌଣସି ବିମାନ ଶୋଭାଯାତ୍ରାରେ ବାଣ ଫୁଟାଯାଇନଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥବା ପାରମ୍ପରିକ ବାଦ୍ୟଦଳ ବିଭିନ୍ନ ବିମାନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମୁଖ୍ୟ ଆକର୍ଷଣ ଥିବା ଗୋପିନାଥଜୀଉଙ୍କ ବିମାନ ପଟୁଆର ମଧ୍ୟରେ ପଡ଼ିଆ ମଧ୍ୟରେ ଉପବେସନ କରିବା ପରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ବଢ଼ିଯାଇଥିଲା। ପାରମ୍ପାରିକ ରୀତି ଅନୁଯାୟୀ ବାଲିଆ ଜମିଦାର କାନୁନ୍‌ଗୋଙ୍କ ପରିବାର ପକ୍ଷରୁ ମାଟି ନିର୍ମିତ ପାତ୍ରରେ ଭୋଗ ଲାଗି ଓ ବିଦାକି ସମସ୍ତ ବିମାନଙ୍କୁ ଦିଆଯାଇଥିଲା।

ତେବେ ଏହି ମେଳଣ ୩ ଶହ ବର୍ଷ ପୂର୍ବେ ତତ୍‌କାଳୀନ ଜମିଦାର ଲକ୍ଷ୍ମୀଧର କାନୁନ୍‌ଗୋ, ପଦ୍ମଚରଣ କାନୁନ୍‌ଗୋ, ଶ୍ରୀଚରଣ କାନୁନଗୋଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଳଣ କମିଟିର ସଭାପତି ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ କହିଛନ୍ତି। ସେ କହିଛନ୍ତି ସମସ୍ତଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ପାଇଁ ତାଙ୍କ ପୂର୍ବଜ ଏହି ମେଳଣ ଆରମ୍ଭ କରିଥିଲେ। ସେହିପରି ମେଳଣର ମୁଖ୍ୟ ଉପଦେଷ୍ଟା ତାରାପ୍ରସାଦ କାନୁନ୍‌ଗୋ କୁହନ୍ତି ଏହି ମେଳନଟି ସମ୍ପୂର୍ଣ୍ଣ ପାରମ୍ପରିକ। ପୂର୍ବଜଙ୍କ ଦ୍ୱାରା ସୃଷ୍ଟ ଏହି ମେଳଣର କଳେବର ଅଞ୍ଚଳବାସୀଙ୍କ ସହଯୋଗକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ମେଳଣଟି ବର୍ତ୍ତମାନ ଆମ ଅଞ୍ଚଳର ଏକ ଗଣପର୍ବରେ ପରିଣତ ହୋଇଛି। ସାମାଜସେବୀ କର୍ମୀ ରାଜେଶ ପଣ୍ଡାଙ୍କ ସୂଚନା ଅନୁଯାୟୀ ବାଲିଆ ମେଳଣ ଏକ ମିଳନ ପର୍ବରେ ପରିଣତ ହୋଇଛି। ବିଭିନ୍ନ ଗ୍ରାମରୁ ଆସୁଥିବା ବିମାନ ସହ ଠାକୁରବାଡି ପ୍ରତିନିଧି ଓ ଗ୍ରାମବାସୀ ମେଳଣରେ ଏକାଠି ହେବା ସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଏବଂ ପରସ୍ପରକୁ ଅବିର ବୋଳି ନିଜ ଭିତରେ ଏକ ଭାଇଚାରା ବନ୍ଧନ ସୃଷ୍ଟି ଏହି ମେଳଣର ଏକ ପ୍ରଧାନ ବିଶେଷତ୍ୱ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ସଦର ଥାନା ପକ୍ଷରୁ ମେଳଣ ପଡ଼ିଆରେ ଏକ ଅସ୍ଥାୟୀ ଶିବିର ପକାଯାଇ କେନ୍ଦ୍ରାପଡ଼ା ଏସଡିପିଓ ଦେବେନ୍ଦ୍ର କୁମାର ମଲିକ, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ମେଳଣକୁ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟ ପ୍ରମିଳା ମିଶ୍ର, ଜମଧର ପଞ୍ଚାୟତ ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ଚକ୍ରୋଡ଼ା ସରପଞ୍ଚ ତନୁଜା ନାୟକ, ରତାଦିଆଖଣ୍ଡସାହି ପଞ୍ଚାୟତ ସରପଞ୍ଚ ଶିଶିର ସାମଲଙ୍କ ସମେତ ସମାଜସେବୀ ମଦନ ମୋହନ ବେହେରା, ସମାଜସେବୀ ସଙ୍ଗମ କେଶରୀ ସାମଲ, ଅର୍ବାନ ବ୍ୟାଙ୍କର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶିଲ ସାମଲ, ବାଲିଆ ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ନିରଞ୍ଜନ ସ୍ୱାଇଁ, ଗଜେନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ପତି, ନାରାୟଣ ସ୍ୱାଇଁ, ପ୍ରମୋଦ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଲାରମଠ ମେଳଣ ଶେଷ

**ଡେରାବିଶ, ୨୯।୩(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ସ୍ଥିତ ସୀତାରାମ ମଠ ପରିସରରେ ଗତକାଲି ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଥମେ ଏହି ମେଳଣର ଗାଦିଶ୍ୱର ମଠର ରାଧାକୃଷ୍ଣ ବିମାନ ମେଳଣ ପଡ଼ିଆରେ ଉପବେଶନ କରିଥିଲେ। ପରେ ସ୍ଥାନୀୟ ବନ୍ଧପଡ଼ା, ଜହ୍ନିମୂଳ ମଠ, ଖମୋଳ ମଠ, କୋରପଦା, ସଲାର, ଡାଳିଜୀ, ପକ୍ଷୋଟ ଇତ୍ୟାଦି ଅଞ୍ଚଳରୁ ୧୩ଟି ବିମାନ ପଡ଼ିଆର ବିଭିନ୍ନ ଦିଗରୁ ପାରମ୍ପରିକ ବାଜା ଓ ରୋଷଣୀ ସହିତ ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ପରେ ମେଳଣ କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗଲାଗି କରାଯିବା ପରେ ବିଳମ୍ବିତ ରାତିରେ ମେଳଣ ଉଦ୍‌ଯାପିତ ହୋଇଥିଲା। ଏହି ମେଳଣକୁ ମଠ ମହନ୍ତ ଗୌରହରି ଦାସ, ସଞ୍ଜିତ କୁମାର ପରିଡ଼ା, ପ୍ରକାଶ କୁମାର ପରିଡ଼ା, ଉତ୍କଳ କେଶରୀ ପରିଡ଼ା, ରଞ୍ଜନ ସ୍ୱାଇଁ, ସୁବୋଧ ପରିଡ଼ା, ଗୌରାଙ୍ଗ ଜେନା, ବିରଞ୍ଚି ନାରାୟଣ ଦାସ, ସ୍ଥାନୀୟ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ଗୌତମ ପରିଡ଼ା, ପ୍ରିତିରଞ୍ଜନ ପରିଡ଼ା, ମନିନ୍ଦ୍ରନାଥ ପଲେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



■ ପ୍ରସିଦ୍ଧ ଭରତପୁର ମକଦ୍ଦମ ଦୋଳମେଳଣ ଅନୁଷ୍ଠିତ

## ୨୫୬ ବର୍ଷର ଦୋଳ ମେଳଣ ମହୋତ୍ସବ

**କେନ୍ଦ୍ରାପଡ଼ା, ୨୯।୩(ସମିସ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭରତପୁର ଗ୍ରାମରେ ପ୍ରସିଦ୍ଧ ଭରତପୁର ମକ୍କଦ୍ଦମ ଦୋଳମେଳଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀ ଗୋପାଳଜୀଉଙ୍କ ମକ୍କଦ୍ଦମ ଦୋଳମେଳଣ ଶ୍ରୀଦଧିବାବନଜୀଉଙ୍କ ମନ୍ଦିର ସମ୍ମୁଖ ଠାକୁରଦାଣ୍ଡରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଥିବାବେଳେ



ଗୁରୁବାର ସୀତାରାମ ମଠ ପଡ଼ିଆରେ ପ୍ରବୋଧ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଦୋଳ ମେଳଣରେ ପ୍ରାୟ ୧୮ଟି ବିମାନ ବାଜା ବଜାଇ, ବାଣ ଫୁଟାଇ ରୋଷଣୀକରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଗତ ୨ଶହ ୫୬ବର୍ଷ ଧରି ଏହି ପରମ୍ପରା ଚାଲିଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ରୀତିନୀତି ଅନୁଯାଇ ବିମାନ ମାନଙ୍କରେ ଥିବା ଠାକୁରମାନଙ୍କୁ ପୂଜାର୍ଚ୍ଚନା ପରେ ଭୋଗଲାଗି କରାଯାଇଥିଲା। ବିମାନ ପୂଜା କାର୍ଯ୍ୟକ୍ରମରେ ଅଧିକାରୀ ରାଜେନ୍ଦ୍ର ଚନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାଶ ଓ ସରୋଜ କାନ୍ତ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ମେଳଣରେ ରାମଲୀଳା ପରିବେଷଣ କରିଥିଲେ ବାଲିଚନ୍ଦ୍ରପୁର ଖଡିଅଙ୍ଗ ମହାବୀର ରାମଗଣନାଟ୍ୟର ସତ୍ତ୍ୱାଧିକାରୀ ପବିତ୍ର କୁମାର ଦାସ ଓ ସାଥିମାନେ ଏବଂ ପାରମ୍ପାରିକ ଲୋକକଳା ଘୋଡାନାଚ ପରିବେଷଣ କରିଥିଲେ ଆରିପଦାର ମା'ଦୁର୍ଗେ ସାହାରା ସୁନ୍ଦରୀ ଘୋଡାନାଚ ଦଳର ବିମ୍ବାଧର ବେହେରା ଓ ସାଥିମାନେ। ୨୫୬ବର୍ଷ ଦୋଳ ମେଳଣ ମହୋତ୍ସବ ଅବସରରେ ଉଭୟ ପବିତ୍ର କୁମାର ଦାସ ଓ ବିମ୍ବାଧର ବେହେରାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଜୟ କିଶୋର ଦାସ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ କୁମାର ଦାସ, ଧରଣୀଧର ମହାନ୍ତି, ଅରବିନ୍ଦ ମହାନ୍ତି, କାହ୍ନୁଚରଣ ବେହେରା, ଶ୍ରୀଚରଣ ବେହେରା, ଆକୁଳାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋପାଳସାହିରେ ନିଶିପ୍ରହରୀ ନାମଯଜ୍ଞ



**ପଞ୍ଚୁପାଣ୍ଡବ, ୨୯।୩(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଡେରାକେଶପୁର ଗ୍ରାମର ଗୋପାଳ ସାହିରେ ନିଶି ପ୍ରହରୀ ଓ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାଧାକୃଷ୍ଣଜୀଉ ପୂଜା କମିଟିର ସଭାପତି ଅନାମ ଚରଣ ପଲେଇଙ୍କ ତତ୍ତ୍ୱାବଧାନରେ ଲଉଡ଼ି ଖେଳ, ନଗର କୀର୍ତ୍ତନ ଓ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର ସମ୍ପାଦକ ପୁରସ୍ତମ ପଲେଇ, ଗନ୍ଧର୍ବ କୁମାର ପୃଷ୍ଟି, ଅମୀୟ କୁମାର ପଲେଇ, ପ୍ରହ୍ଲାଦ ପଲେଇ, ଅରକ୍ଷିତ ପଲେଇ, ବିଜୟ ପଲେଇ, ମୃତ୍ୟୁଞ୍ଜୟ ପଲେଇ ଏବଂ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ

**କେନ୍ଦ୍ରାପଡ଼ା, ୨୯।୩(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନମାଣିତିଆରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂରତି ସ୍ଥାପନ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇ ୨୭ତାରିଖରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ପୁରୀର ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ପଣ୍ଡିତ ଭୁବନେଶ୍ୱର ତ୍ରିପାଠୀଶର୍ମା, ମୁକ୍ତିମଣ୍ଡପର ପଣ୍ଡିତ ମହେନ୍ଦ୍ରନାଥ ଷଡଙ୍ଗୀ ଓ ପଣ୍ଡିତ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଶନିବାର ଯଜ୍ଞାଧିବାସ, ମଣ୍ଡଳକରଣ, ଅଙ୍କୁରାରୋପଣ, ଦେବତା ଗର୍ଭାଧାନ କାର୍ଯ୍ୟକ୍ରମ ଶେଷ କରିଥିବା ବେଳେ ରବିବାର ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପ୍ରବେଶ, ଦେବତା ଆବାହନ, ଅଗ୍ନିସ୍ଥାପନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଛି। ସୋମବାର ଦେବତା ମହାସ୍ନାନ ଓ ଅଷ୍ଟପ୍ରହର ଅଧିବାସ, ଶୟନ, ହବନ, ଆଳତୀ ଓ ପୁଷ୍ପାଞ୍ଜଳି ପ୍ରଦାନ ପରେ ମଙ୍ଗଳବାର ନାମଯଜ୍ଞ, ଦେବତା ମହାନ୍ୟାସ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ସହିତ ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାସର୍ବଦେବତା ପୂଜା, ସର୍ବଦେବତା ହବନ, ବିଜେ ବିଗ୍ରହଙ୍କ ନଗର ପରିକ୍ରମା ପରେ ଦେବତା ମନ୍ଦିର ପ୍ରବେଶ, ସନ୍ଧ୍ୟାରେ ପୂର୍ଣ୍ଣାହୁତି, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଛି ବୋଲି ସାନମାଣିତିଆ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଡା. ସରୋଜକାନ୍ତ କାନୁନ୍‌ଗୋଙ୍କ ପୂଣ୍ୟତିଥି

**କେନ୍ଦ୍ରାପଡ଼ା, ୨୯।୩(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ କାନୁନ୍‌ଗୋ ଭବନରେ ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସ୍ୱର୍ଗତ ଡା. ସରୋଜକାନ୍ତ କାନୁନଗୋଙ୍କ ୩୬ତମ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାକୁ ନିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ପ୍ରଥମେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହିତ ଜଗଦୀଶ ସାହୁ ଶ୍ରୀମଦ ଭାଗବତ ପାଠ କରିଥିଲେ। ପ୍ରମୋଦ କୁମାର ସାହୁ, ଡା. ପୁରୁଷୋତ୍ତମ ସାହୁ, ଗଜେନ୍ଦ୍ର କୁମାର ମହାନ୍ତି, ଡା. ବିଶ୍ୱପ୍ରକାଶ କାନୁନଗୋ, ନାରାୟଣ ସ୍ୱାଇଁ, ଶରତ କୁମାର ଆଚାର୍ଯ୍ୟ, ରାଜଗୋପାଳ ମହାନ୍ତି, ବସନ୍ତ କୁମାର ଜେନା, ମଦନମୋହନ ବେହେରା, ପ୍ରାଣକୃଷ୍ଣ ସାମଲ, ଧରଣୀଧର ଦାସ, ଜଳଧର ଦାସ, ନିଗମଶେଖର ମହାନ୍ତି, ଅକ୍ଷୟ କୁମାର ପତି ପ୍ରମୁଖ ସ୍ୱର୍ଗତ ଡା. କାନୁନଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ବାଲିଆ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସାଂସ୍କୃତିକ କ୍ଷେତ୍ରରେ ଆଲୋକବର୍ତ୍ତିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ତର ପିଢିଙ୍କ ନିକଟରେ ସ୍ମରଣୀୟ ହୋଇ ରହିବା ନିମନ୍ତେ ସ୍ୱର୍ଗତ ଡା. କାନୁନଗୋଙ୍କ ଏକ ସ୍ମୃତି କମିଟି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା। ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ୨ମାସ ମଧ୍ୟରେ ଏକ ସାଧାରଣ ବୈଠକ ଡକାଯାଇ ସ୍ମୃତି କମିଟି ଗଠନ ସହ କମିଟିର ସଦସ୍ୟ/ସଦସ୍ୟାମାନଙ୍କୁ ମନୋନୀତ କରାଯିବାକୁ ସ୍ଥିର କରାଯାଇଛି। ସାଂସ୍କୃତିକ ସମାରୋହ କରି ସ୍ମୃତିକୁ ବଞ୍ଚାଇ ରଖିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ଶେଷରେ ପ୍ରମୋଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## 'ଶ୍ରୀ ଲଛମନଜୀଉଙ୍କ ମହିମା ଗାଥା' ପୁସ୍ତକ ଉନ୍ମୋଚିତ



**କେନ୍ଦ୍ରାପଡ଼ା, ୨୯।୩(ସମିସ):** ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକଙ୍କ ଦ୍ୱାରା ରଚିତ ପୁସ୍ତକ 'ଶ୍ରୀ ଲଛମନଜୀଉଙ୍କ ମହିମା ଗାଥା' ବାଲିପାଟଣାସ୍ଥିତ ଲଛମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଯାଇଛି। କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ଶିକ୍ଷାବିତ୍ ଶ୍ରୀଧର କୁମାର ଭୋଳ ଓ ଗାଳ୍ପିକ ମାତୃଦତ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ମନ୍ତ୍ର ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ଶ୍ରୀ ଲଛମନଜୀଉଙ୍କ ଅନାଲୋଚିତ ଅଲୌକିକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି।

ଏହା ବ୍ୟତୀତ ଲେଖକଙ୍କ ଦ୍ୱାରା ରଚିତ ଭଜନ, ଜଣାଣ ଓ ଅନୁଭୁତି ମଧ୍ୟ ପୁସ୍ତକରେ ସ୍ଥାନ ପାଇଛି। ଏହି ପୁସ୍ତକଟି ଏକ ଆଧାତ୍ମିକ ଅନୁଭବରୁ ସୃଷ୍ଟି ବୋଲି ଅତିଥିମାନେ ମତ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ କସ୍ତୁରୀ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ବ୍ରଜକିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶ୍ରୀଧର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ସନ୍ତୋଷ ପଣ୍ଡା ଓ ଗୌରାଙ୍ଗ ଚରଣ ସାହୁ, ସରଳ ରେଖା ସାହୁ ପ୍ରମୁଖ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପୁସ୍ତକର ପ୍ରଚାର ପ୍ରସାର କରିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା।

## ମାତୃ ସତ୍‌ସଙ୍ଗର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୨୯।୩(ସମିସ):** ହରିହରାନନ୍ଦ ମାତୃଆଶ୍ରମ ପରିସରରେ ଦ'ଜ୍ଞାନପ୍ରଭାଦ' ମିଶନ୍ ଆନୁକୂଲ୍ୟରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଏକ ମାତୃ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ସହିତ ଗରାପୁରସ୍ଥିତ ଦିବ୍ୟ ଜୀବନସଂଘର ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ତ୍ରୀଜିବ ଦାସ ଯୋଗଦେଇ ମାତୃଶକ୍ତିର ପରିବର୍ତ୍ତନରେ ସମାଜର ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଆଲୋକପାତ କରିଥିଲେ। ମାତୃଆଶ୍ରମର ସନ୍ନ୍ୟାସୀନୀ ସ୍ୱାମୀ ଗିରିଜାନନ୍ଦ ଗିରି ପ୍ରଥମେ ଅଭିଭାଷଣ ରଖିଥିବାବେଳେ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ସଭା ପରିଚାଳନା କରିଥିଲେ। ଜ୍ଞାନପ୍ରଭା ମିଶନ୍‌ର ଉପାଧକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ସମ୍ପାଦିକା ସ୍ୱାମୀ ସାରଦାନନ୍ଦ ଗିରି, ସ୍ୱାମୀ ସତ୍ୟମୟାନନ୍ଦ ଗିରି ଯୋଗ ଦେଇ ସହଯୋଗ କରିଥିଲେ।

# ବୁଣାକାର ମହିଳାଙ୍କ ଲାଗି ଆଶାର କିରଣ 'ବୟନ ଗ୍ରାମ'








**ଜଗତସିଂହପୁର,୨୯।୩(ସମିସ):** ଜଗତସିଂହପୁର ଜିଲ୍ଲାର ହସ୍ତତନ୍ତ କାରିଗରଙ୍କ ଗାଁ ଜଇପୁରକୁ ଗତ କିଛିବର୍ଷ ତଳେ ପ୍ରଶାସନ ପକ୍ଷରୁ 'ବୟନ ଗ୍ରାମ' ଭାବରେ ମାନ୍ୟତା ପ୍ରଦାନ କରାଯାଇଛି।। ବୟନଗ୍ରାମ ଘୋଷଣା ପରେ ବୁଣାକାର ମହିଳାମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସହିତ ଉନ୍ନତ ମାନର ତାଲିମ ପ୍ରଦାନ କରାଯାଉଛି। ପୂର୍ବରୁ ଗ୍ରାମର ୯୦ ପରିବାର ଏଥିରେ ଉପକୃତ ହୋଇଥିବାବେଳେ ବର୍ତ୍ତମାନ ୩୫ ଜଣ ନୂଆ ମହିଳା କାରିଗରଙ୍କ ଦକ୍ଷତା ବିକାଶ ପାଇଁ ଉନ୍ନତ ମାନର ବସ୍ତ୍ର ପ୍ରସ୍ତୁତ କରିବାକୁ ସେମାନଙ୍କୁ ତାଲିମ ଦିଆଯାଉଛି। ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଇପୁର ସ୍ଥିତ ବୟନ ଗ୍ରାମରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ, ପାରଦୀପ ବନ୍ଦର, ରାଜ୍ୟସରକାରଙ୍କ ହସ୍ତତନ୍ତ ବିଭାଗ ଏବଂ ଓରମାସ ସହାୟତାରେ ବୁଣାକାରଙ୍କ ବିକାଶ ସହିତ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ପର୍ଯ୍ୟଟନ ଭିତ୍ତିଭୂମିର ନିର୍ମାଣ କରାଯାଇଛି। ଏଠାରେ ପ୍ରତ୍ୟେକ ପରିବାର ହସ୍ତତନ୍ତ ସାମଗ୍ରୀ ଉତ୍ପାଦନରେ ଜଡିତ ଥିବାରୁ ହସ୍ତତନ୍ତ କାରିଗରୀ ଭିତ୍ତିଭୂମିକୁ ସୁଦୃଢ କରାଯାଇ ପାରିଛି। ଗାଁକୁ ପର୍ଯ୍ୟଟନସ୍ଥଳୀ ଭାବରେ ପ୍ରୋତ୍ସାହିତ କରାଯିବା ପରେ ୯୦ ବୁଣାକାର ପରିବାରର ପ୍ରାୟ ୨୦୦ ମହିଳା ଏହା ଦ୍ୱାରା ଉପକୃତ ହୋଇ ଆସୁଛନ୍ତି। ୬ଟି ବୁଣାକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ବୟନ ଗ୍ରାମରେ 'ପ୍ରତ୍ୟୁସର ଗ୍ରୁପ୍' ଗଠିତ ହୋଇଛି। ବୟନ ଗ୍ରାମର ମହିଳାମାନେ ନିଜ ନିଜର ଘରକାମ କରିବା ପରେ ଏଠାକୁ ଆସି ବୁଣାବୁଣି କରିଥାନ୍ତି। ସେମାନେ ନିଜର କାର୍ଯ୍ୟ ଅନୁସାରେ ପାରିଶ୍ରମିକ ପାଇଥାନ୍ତି। ସେହିପରି ଗ୍ରାମରେ ବିଭିନ୍ନ ଲୋକଙ୍କ ଘରେ ଏବେ ମଧ୍ୟ ୪୦ରୁ ଅଧିକ ହସ୍ତତନ୍ତ ରହିଥିବା ଜଣାପଡିଛି।

ବୟନ ଗ୍ରାମର ବୁଣକାରମାନେ ନିଜ ହାତରେ ପ୍ରସ୍ତୁତ କରୁଥିବା ସାମଗ୍ରୀର ସୁନ୍ଦରତା ଓ ଗୁଣାବତ୍ତା ସହିତ ସ୍ଥାୟୀତ୍ୱ ଅଧିକ ହୋଇଥିବାରୁ ଏହା ଗ୍ରାହକମାନଙ୍କ ପସନ୍ଦ ଆସୁଛି ବୋଲି ପାର୍ବତୀ ସ୍ୱୟଂ ସହାୟକ ବୁଣାକାର ଗୋଷ୍ଠୀର ସରସ୍ୱତୀ ପୃଷ୍ଟି(୪୫), ସନ୍ଧ୍ୟାରାଣୀ ବେହେରା(୪୨), ପ୍ରତିମା ବେହେରା(୩୮) କହିଛନ୍ତି। ଶାରଳା ମନ୍ଦିରରେ ଦେବୀଙ୍କୁ ପ୍ରଦାନ କାରାଯାଉଥିବା ଲାଲ ଓ କଳା ଶାଢୀ ସହିତ ଜଗତସିଂହପୁରର ସ୍ୱତନ୍ତ୍ର ଡିଜାଇନର ବୁଟି ଶାଢୀ, ଗାମୁଛା, ଲୁଙ୍ଗି, ଧୋତି, ଚାଦର, ସାର୍ଟ ଓ ବୁଡିଦାର କପଡା, ରୁମାଲ, ବେଡସିଟ ପ୍ରଭୃତି ବୁଣାବୁଣି କରୁଥିବା କହିଛନ୍ତି। ବୁଣାକାର ମହିଳାମାନେ ଶାଢୀ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରିରୁ ଦୈନିକ ସେମାନଙ୍କୁ ୨୫୦ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ମିଳିଥାଏ। ବୁଣାକାର ମହିଳାମାନେ ଏହି ବୃତିରୁ ମାସକୁ ୬ରୁ ୧୦ ହଜାର ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀର ଏହି ମହିଳାମାନେ ନିଜ ପରିବାରର ଆର୍ଥିକ ଉନ୍ନତିରେ ସହଯୋଗ କରିପାରୁଥିବା ପ୍ରକାଶ କରିଛନ୍ତି।

◆ ଉପକୃତ ହେଉଛନ୍ତି ୯୦ ବୁଣାକାର ପରିବାରର ୨୦୦ ମହିଳା
◆ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ, ଓରମାସ୍, ପାରାଦୀପ ବନ୍ଦର ପକ୍ଷରୁ ମିଳୁଛି ସହାୟତା

ବୟନ ଗ୍ରାମରେ ଗଠିତ 'ପାର୍ବତୀଦେବୀ ତନ୍ତୁବାୟ ସହଯୋଗ ସମିତି ଲିଃ' ର ନିଜସ୍ୱ ବିକ୍ରୟ କେନ୍ଦ୍ର ରହିଛି। ଜଗତସିଂହପୁର ସହରରେ ନିଜସ୍ୱ ଅଳକା ବିକ୍ରୟ କେନ୍ଦ୍ର ରହିଛି। ଏଥିସହିତ ରାଜ୍ୟ ଓ ଜାତୀୟ ସ୍ତରୀୟ ପଦର୍ଶନୀରେ ସୋସାଇଟି ପକ୍ଷରୁ ଯୋଗଦେଇ ମହିଳାମାନେ ନିଜ ସାମଗ୍ରୀର ଭଲ ବିକ୍ରୟ କରିପାରୁଛନ୍ତି। ନିକଟରେ ସେମାନେ ଦିଲ୍ଲୀ, ହରିଆନା , ଗୁଡଗାଓଁ ଜାତୀୟ ସ୍ତରୀୟ ହସ୍ତତନ୍ତ ସାମଗ୍ରୀ ପଦର୍ଶନୀରେ ଯୋଗଦେଇ ପ୍ରାୟ ଦୁଇଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ବିକ୍ରୟ କରିପାରିଛନ୍ତି ବୋଲି ମା' ବିମଳା ସ୍ୱୟଂ ସହାୟକ ଗୋଷ୍ଠୀର ଜ୍ୟୋସ୍ନାରାଣୀ ବେହେରା(୬୦) ଓ ଶୈଳବାଳା ପୃଷ୍ଟି (୫୫) କହିଛନ୍ତି। ପର୍ଯ୍ୟଟକମାନେ ମଧ୍ୟ ବୟନ ଗ୍ରାମକୁ ବୁଲିବାକୁ ଆସି ଏଠାରୁ ହସ୍ତତନ୍ତ ସାମଗ୍ରୀ କିଣାକିଣି କରୁଛନ୍ତି। ଏଥିସହିତ ସେମାନେ ମଧ୍ୟ ବୟନିକା ମାଧ୍ୟମରେ ନିଜ ସମଗ୍ରୀ ବିକ୍ରୟ କରୁଥିବା କହିଛନ୍ତି।

ବୟନ ଗ୍ରାମର କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ଭାବରେ ତାଲିମ, ଋଣ ସହାୟତା, ରିହାତି, ତନ୍ତ ସରଞ୍ଜାମ, ବାହାର ରାଜ୍ୟକୁ ପରିଦର୍ଶନ କରାଇବାକୁ ବ୍ୟବସ୍ଥା କରାଯାଇଥିବା ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀର ମନୋରମା ସାହୁ (୪୫) ଓ ମମତା ସାହୁ (୪୨) ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ବୁଣାକାରମାନଙ୍କୁ ମାଗଣାରେ ଇନଭର୍ଟର ପ୍ରଦାନ କରାଯାଇଥିବା ସେମାନେ କହିଛନ୍ତି। ସେହିପରି ସେମାନଙ୍କ ପାଇଁ ବିଭିନ୍ନ ସମୟରେ କର୍ମଶାଳାର ଆୟୋଜନ କରାଯାଉଛି। ବୁଣାକାରମାନଙ୍କ ଦକ୍ଷତା ବିକାଶ ପାଇଁ ୨୦ ଜଣ ମହିଳାଙ୍କୁ ଏବେ ମୌ÷ଳିକ ବୟନ ତାଲିମ ପ୍ରଦାନ କରାଯାଉଛି ବୋଲି ପାର୍ବତୀ ତନ୍ତୁବାୟ ସହଯୋଗ ସମିତି ଲିଃ ର ସମ୍ପାଦକ ମାନସ କୁମାର ପୃଷ୍ଟି ଓ ସଭାପତି ହେମନ୍ତ କୁମାର ସାହୁ କହିଛନ୍ତି। ସେହିପରି ୧୫ ଜଣ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଜାକାର୍ଡ ଡିଜାଇନ ତାଲିମ ପ୍ରଦାନ ଜାରି ରହିଥିବା ସେମାନେ ପ୍ରକାଶ କରିଛନ୍ତି।

■ ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା

## ଦାମବାବୁଙ୍କ ଆଦର୍ଶ ଭବିଷ୍ୟତ ପିଢ଼ିକୁ ମାର୍ଗଦର୍ଶନ କରିବ




**ପାରାଦୀପ,୨୯।୩(ସମିସ):** ଦିବଂଗତ ମହାନ ରାଜନେତା, ପୂର୍ବତନ ମନ୍ତ୍ରୀ ଏବଂ ଆଧୁନିକ ପାରାଦୀପ ବନ୍ଦର ନିର୍ମାଣର ଅଗ୍ରଦୂତ ଦାମୋଦର ରାଉତଙ୍କ ବିୟୋଗରେ ପାରାଦୀପ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ କାର୍ଯ୍ୟାଳୟଠାରେ ଏକ ସ୍ମୃତିସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ବିଜେଡି ନେତା ସୁମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପୌରାଧକ ବସନ୍ତ ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ଜ୍ୟୋତିକାନ୍ତ ପରିଡା, ଉଲ୍ଲାସ ବିଶ୍ୱାଳ, ପ୍ରଭାତ କୁମାର ନନ୍ଦୀ, କୁମରବର ନାୟକ, କ୍ଷୀରୋଦ ସ୍ୱାଇଁ, ନିରଞ୍ଜନ ଖୁଣ୍ଟିଆ, ଶଙ୍କର ପ୍ରସାଦ ରାଉତ, ମନୋଜ ବେହେରା, ଆଲୋକ ମହାପାତ୍ର, ଅଟଳ ପରିଡା, ସବିତା ମହାପାତ୍ର, ନଳିନୀ ସାହୁ ଓ ଚପଳା ସ୍ୱାଇଁଙ୍କ ସମେତ ଶତାଧିକ ବିଜେଡି ନେତା, କର୍ମୀ ଓ ଦାମବାବୁଙ୍କୁ ଭଲ ପାଉଥିବା ବହୁ ମୁରବି ତାଙ୍କ ସହିତ ସ୍ମୃତିକୁ ସାଉଁଟିବା ସହ ରାଜନୀତିରେ ଯେଉଁ ଆଦର୍ଶ ସେ ଛାଡି ଯାଇଛନ୍ତି ତାହା ଭବିଷ୍ୟତ ପିଢିକୁ ପଥ ପ୍ରଦର୍ଶନ କରିବ ବୋଲି ଉପସ୍ଥିତ ମାନଗଣ୍ୟ ବ୍ୟକ୍ତିମାନେ କହିଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ଦେହାନ୍ତରେ ପାରାଦୀପବାସୀ ଜଣେ ମୁରବୀକୁ ସବୁଦିନ ପାଇଁ ହରାଇଲେ। ସେଭଳି ବ୍ୟକ୍ତିତ୍ୱ ଆଉ ପାରାଦୀପରେ ମିଳିବେ ନାହିଁ ବୋଲି ଆଲୋଚନା ହୋଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ବ୍ୟକ୍ତି ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ମା' ମୁକ୍ତାକେଶୀ ରାମଚଣ୍ଡୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ରଘୁନାଥପୁର,୨୯।୩(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ କୋଟକଣା ଗ୍ରାମର ମା' ମୁକ୍ତାକେଶୀ ରାମଚଣ୍ଡୀଙ୍କ ପୀଠରେ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହଂସୁଆ ନଦୀରେ କଳସ ବୁଡାଯାଇ ଶୁଭାଧିବାସ ଆରମ୍ଭ ହୋଇ ଅଷ୍ଟମପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ମା' ରାମଚଣ୍ଡୀ କମିଟିର କର୍ମକର୍ତ୍ତାଙ୍କ ସହେଯାଗରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଅଷ୍ଟମପ୍ରହରୀ ନାମଯଜ୍ଞ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବକୁ କମଳାକାନ୍ତ ସ୍ୱାଇଁ ଓ ନିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଭଟ୍ଟଗ୍ରାମରେ ସାହିତ୍ୟ ଆସର



**ତିର୍ତ୍ତୋଲ,୨୯।୩(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଭଟ୍ଟଗ୍ରାମର ପ୍ରସିଦ୍ଧ ଗାଦୀ ଗୋସାଇଁ ପୀଠର ରାମଲୀଳା ମଣ୍ଡପରେ ପ୍ରବିବର୍ଷ ଭଳି ଦୋଳ ଉତ୍ସବ ପାଳନ ଅବସରରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ପତିତପାବନ ୟୁଥ୍ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସାହିତ୍ୟ ଆସରରେ ଇଚ୍ଛାବିହାରୀ ବିଦ୍ୟାମନ୍ଦିରର ଶିକ୍ଷକ ଭୋଳାନାଥ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ଅମରଜ୍ୟୋତି ସାହୁ, ମୁଖ୍ୟବକ୍ତା ଶିକ୍ଷକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଆଦିକବି ସାରଳାଦାସ ମହାବିଦ୍ୟାଳୟ ତିର୍ତ୍ତୋଲର ଅଧ୍ୟାପିକା ସାଗରିକା ପୃଷ୍ଟି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ସୌମ୍ୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶ୍ରେଷ୍ଠ ବିବେଚିତ କବି କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ୟୁଥ୍ କ୍ଲବର ସନ୍ତୋଷ ଖୁଣ୍ଟିଆ, ତାପସ ରାଉତ ଓ ସ୍ୱରାଜ ଖୁଣ୍ଟିଆଙ୍କ ସମେତ ସଭ୍ୟମାନେ ପରିଚାଳନା କରିଥିବାବେଳେ ସ୍ୱାଧୀନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ପାରାଦୀପ କ୍ରିକେଟ୍ ଲିଗ୍

● ୧୪ ଦିନ ଧରି ଚାଲିବ, ୧୫୮ ଖେଳାଳିଙ୍କ ନାମ ପଞ୍ଜୀକୃତ

**ପାରାଦୀପ,୨୯।୩(ସମିସ):** ମାର୍ଚ୍ଚ ୩୦ରୁ ଆରମ୍ଭ ହେବ ୧୪ ଦିନ ବ୍ୟାପି ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ) ଟୁର୍ଣ୍ଣାମେଣ୍ଟ। ପିସିଏଲ୍‌ର ଏହି ଦିତୀୟ ସଂସ୍କରଣ କ୍ରିକେଟ୍ ଲିଗ୍ ପାଇଁ ପାରାଦୀପ ମଧୁବନ ସ୍ଥିତ କ୍ରିକେଟ୍ ପଡିଆରେ ସମସ୍ତ ଆୟୋଜନ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ କ୍ରିକେଟ ଲିଗ ପାଇଁ ଖେଳାଳି ଚୟନ ଓ ନିଲାମ ପ୍ରକ୍ରିୟା ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଜଣ ଟିମ୍ ମାଲିକ ଖେଳାଳିମାନଙ୍କୁ ନିଲାମ ପ୍ରକ୍ରିୟାରେ ଚୟନ କରିଥିବା ବେଳେ ପିସିଏଲ୍ ତରଫରୁ ଟିମ୍ ମାଲିକ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସ୍ୱାଗତ କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ୧୫୮ ଜଣ ଖେଳାଳୀ ପଞ୍ଜିକୃତ ହୋଇଥିବାବେଳେ ଅମିତ୍ କୁମାର ସାହୁ ସର୍ବାଧିକ ମୂଲ୍ୟରେ ଶ୍ରୀରାମ ସ୍ପୋର୍ଟିଂ ଦଳ ଦ୍ୱାରା କିଣା ଯାଇଥିବା ଜଣାପଡିଛି। ତେବେ ଏହି କ୍ରିକେଟ୍ ଲିଗ୍ ଦ୍ୱାରା ପାରାଦୀପ ତଥା ଆଖପାଖ ଅଞ୍ଚଳର ଲୁଚି ରହିଥିବା ବହୁ ଯୁବ ପ୍ରତିଭାବାନ ଖେଳାଳୀ ସେମାନଙ୍କ ଖେଳ ପ୍ରଦର୍ଶନ କରି ନିଜର ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ ବୋଲି ପିସିଏଲ୍‌ର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ପାରାଦୀପ କ୍ରିକେଟ ଲିଗ କମିଟି ଦ୍ୱାରା ଆୟୋଜିତ ଏହି ନିଲାମ ପ୍ରକ୍ରିୟାକୁ ପିସିଏଲ୍‌ର ସମ୍ପାଦକ ଜ୍ଞାନିତ ଦାସ ପରିଚାଳନା କରିଥିବାବେଳେ ଜିପିସିଆଇ ହିରୋ, ଜିଡିସି ବ୍ଲାଷ୍ଟର, ଶ୍ରୀରାମ ସୋର୍ଟିଂ, ବାବା ସାଇ ଯୋଦ୍ଧା, ପାରାଦୀପ ସୁପର କିଙ୍ଗସ, ମହାକାଲ ୱାରିୟର୍ସ ଏବଂ ସ୍ୟାଣ୍ଡବିଚ୍ ପାନ୍ଥର୍ସ ଦଳର ମାଲିକମାନେ ଖେଳାଳି ନିଲାମରେ ଅଂଶଗ୍ରହଣ କରିଥିଲେ ବୋଲି ପିସିଏଲ ସହ-ସମ୍ପାଦକ ଅଧିର କୁମାର ସ୍ୱାଇଁ ଓ କୋର କମିଟିର ସଭ୍ୟ ଚନ୍ଦନ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

■ ବାବା ବାଲୁଙ୍କେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜିତିଲା ପାରାଦୀପ ମିଡିଆ



**ପାରାଦୀପ,୨୯।୩(ସମିସ):** ବିଶ୍ୱାଳିର ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୨୪ ମାର୍ଚ୍ଚ ରବିବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱାଳି ଡ୍ରାମା ପଡିଆରେ ଚାଲିବ। ଆସନ୍ତା ୩୧ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ୧୬ଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇ ଥିବାବେଳେ ଶୁକ୍ରବାର ବିଶ୍ୱାଳି ଡ୍ରାମା ପଡ଼ିଆରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପର ମିଡ଼ିଆ କ୍ରିକେଟ୍ ଟିମ୍ ଓ ବାବା ବାଲୁଙ୍କେଶ୍ୱର ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍‌ର ବରିଷ୍ଠ ଖେଳାଳିମାନେ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ପାଇଥିଲେ। ଟସ୍ ଜିତି ମିଡ଼ିଆ କ୍ରିକେଟ୍ ଟିମ୍‌ର ଅଧିନାୟକ ରାକେଶ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ୧୦ ଓଭରରେ ଧୂଆଁଧାର ବ୍ୟାଟିଂ କରି ମାତ୍ର ୭ ଉଇକେଟ୍‌ରେ ୧୪୭ ରନ୍ କରିଥିଲେ। ବାବା ବାଲୁଙ୍କେଶ୍ୱର ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ମୂଲ୍ୟବାନ ୫ ୱିକେଟ୍ ହରାଇ ୧୨୯ ରନ କରି ପରାଜିତ ହୋଇଥିଲା। ଦର୍ଶକମାନେ ଖେଳର ଭରପୁର ମଜା ଉଠାଇଥିଲେ। ଅନ୍ୟପକ୍ଷରେ ଉପ ଅଧିନାୟକ ପ୍ରଶାନ୍ତ କୁମାର ସ୍ୱାଇଁ, ଟିମ୍‌ର ମ୍ୟାନେଜର ସନ୍ତୋଷ ଭାରତୀ, କୋଚ୍ ସୁରେଶ ସ୍ୱାଇଁ ଏହି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ।

## କିଡ୍‌ସ ଅଲମ୍ପିୟାଡ- କିଡ୍‌ଜି ସ୍କୁଲ ଅଧ୍ୟକ୍ଷାଙ୍କୁ ଶିକ୍ଷା ଉତ୍କର୍ଷତା ସମ୍ମାନ



**ପାରାଦୀପ,୨୯।୩(ସମିସ):** ପାରାଦୀପ ଉପକଣ୍ଠ ତାରିଣୀଗଡାଠାରେ ଥିବା କିଡ୍‌ଜି ସ୍କୁଲ ପରିସରରେ କିଡସ୍ ଅଲମ୍ପିୟାଡ୍ ଆୟୋଜିତ୍ ହୋଇଥିଲା। କୁନୁକୁନି ପିଲାମାନଙ୍କ ମଧ୍ୟରେ ଶିକ୍ଷାର ବିକାଶ କ୍ଷେତ୍ରରେ କିଡସ୍ ଅଲମ୍ପିୟାଡର ସ୍ୱତନ୍ତ୍ର ସ୍ଥାନ ରହିଛି। କିଡସ୍ ଅଲମ୍ପିୟାଡର ପ୍ରତିଷ୍ଠାତା ଗୁରୁ ପ୍ରସାଦ ସମରେନ୍ଦ୍ର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଡସ୍ ଅଲମ୍ପିୟାଡ୍ ଆୟୋଜିତ ହୋଇଥିଲା। କିଡ୍‌ଜି ସ୍କୁଲ ତାରିଣୀଗଡା, ଭୁବନେଶ୍ୱରର ରଘୁନାଥପୁର ଏବଂ ମୈତ୍ରୀବିହାରର ଅଧ୍ୟକ୍ଷା ତାପସୀ ସାମନ୍ତରାୟଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଉତ୍କର୍ଷତା ସମ୍ମାନ ପ୍ରଦାନ କରିଥିଲେ କିଡସ୍ ଅଲମ୍ପିୟାଡର ପ୍ରତିଷ୍ଠାତା ଗୁରୁ ପ୍ରସାଦ ସମରେନ୍ଦ୍ର ତ୍ରିପାଠୀ। ପାରାଦୀପ ତାରିଣୀଗଡାଠାରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଶିକ୍ଷାଦାନ କ୍ଷେତ୍ରରେ କ୍ରମେ କ୍ରମେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅଧ୍ୟକ୍ଷା ତାପସୀ ସାମନ୍ତରାୟ କହିଛନ୍ତି।

## ଲୁହା ଚୋରି କରି ୨ ଯୁବକ ଗିରଫ

**ପାରାଦୀପ,୨୯।୩(ସମିସ):** ପାରାଦୀପ ଆଇଓସିଏଲ୍ ରୋଡ୍‌ରେ ଅଭୟଚାନ୍ଦପୁର ପୁଲିସ ପେଟ୍ରୋଲିଂ କରୁଥିବାବେଳେ ଏକ ବାଇକ୍‌ରେ ଦୁଇ ଯୁବକ ଚୋରା ଲୁହା ପ୍ଲେଟ ଓ ଲୁହା ରଡ଼ ନେଇଯାଉଥିବା ପୁଲିସ ନଜରକୁ ଆସିଥିଲା। ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା ପରେ ତାହା ଚୋରି ଲୁହା ଜଣାପଡିଥିଲା। ଯାହାର ଓଜନ ୭୫କେଜି ହେବ। ଦୁଇ ଯୁବକ ଆଇଓସିଏଲ ମଧ୍ୟରେ ଠିକା କାର୍ଯ୍ୟ କରୁଥିବା ମେଘା କମ୍ପାନୀରେ କାମ କରନ୍ତି। ସେମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ପାଟକୁରାର ବିଭୂତି ମଲ୍ଲିକ ଓ ବାଲେଶ୍ୱର ରେମୁଣାର ରବୀନ୍ଦ୍ର ମାଝୀ। ଉଭୟଙ୍କୁ ପୁଲିସ ଗିରଫ କରିଥିଲା।

## ସୁନା ଚେନ୍ ଚୋରି ଘଟଣା; ବନ୍ଧାହେଲେ ଚାଳକ, ବ୍ୟବସାୟୀ

**ପାରାଦୀପ,୨୯।୩ (ସମିସ) :** ପାରାଦୀପ ଲକଥାନା ଅଧିନ ବାଲଦିଆର ସୁବାସ ଚଇନିଙ୍କ ଶାଳୀ ସରୋଜିନୀ ମିଶ୍ରଙ୍କ ଭ୍ୟାନିଟ୍‌ରୁ ଗୋଟିଏ ସୁନାଚେନ ଚୋରିହେବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ କୁଜଙ୍ଗ ଥାନା ଅଧିନ କାଠକଟାର ଟୁଲୁ ସ୍ୱାଇଁ ଓ ସାଇଲୋର ନିରଞ୍ଜନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ମୁତାବକ ମହିଳା ଜଣକ ଭୁବନେଶ୍ୱରରୁ ଟୁଲୁ ସ୍ୱାଇଁଙ୍କ କାରକୁ ଭଡାରେ ଆଣି ଗାଁ ବାଲଦିଆକୁ ଫେରୁଥିବା ବେଳେ ବାଟରେ ମାର୍କେଟିଂ ପାଇଁ କାର୍‌ରୁ ଓହ୍ଲାଇ ଥିଲେ। ଏହାର ସୁଯୋଗ ନେଇ କାର୍ ଚାଳକ ଟୁଲୁ ସ୍ୱାଇଁ କାର୍ ଭିତରୁ ମହିଳାଙ୍କ ଭ୍ୟାନ୍‌ରେ ଥିବା ଏକ ସୁନା ଚେନ୍ ଚୋରି କରିନେଇଥିଲା। ଏହାକୁ ରାହମା ସାଇଲୋର ସୁନା ବ୍ୟବସାୟୀ ନିରଞ୍ଜନ ସାହୁଙ୍କୁ ବିକ୍ରି କରିଦେଇଥିବା ପୁଲିସକୁ କହିଥିଲା। ନିରଞ୍ଜନଙ୍କ ନିକଟରୁ ଚୋରି ସୁନା ଚେନ୍ ଜବତ ସହ ଉଭୟଙ୍କୁ ଗିରଫ କରାଯାଇଛି।

## ଅଂଶୁଘାତରେ କଲେଜ ଛାତ୍ରୀ ଗୁରୁତର

**ଜଗତସିଂହପୁର,୨୯।୩(ସମିସ):** ଗତ ଦୁଇଦିନହେବ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ସହିତ ଦିନର ତାପମାତ୍ରାରେ ବୃଦ୍ଧି ଘଟିଛି। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଜଣେ ଯୁକ୍ତଦୁଇ ଛାତ୍ରୀ ଶୁକ୍ରବାର ଅଂଶୁଘାତରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିବା କୁଜଙ୍ଗ ଅଞ୍ଚଳର ଜଣେ ଯୁକ୍ତଦୁଇ ଛାତ୍ରୀ ସଦର ବସ୍‌ଷ୍ଟାଣ୍ଡ ନିକଟରେ ଅତ୍ୟଧିକ ଗରମ ଯୋଗୁ ଅଚେତ ହୋଇ ହୋଇପଡିଥିଲେ। ପରେ



ବସଷ୍ଟାଣ୍ଡରେ ଠିଆ ହୋଇଥିବା ଅଟୋଚାଳକ ଓ ସ୍ଥାନୀୟଲୋକେ ଛାତ୍ରୀକୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯିବା ସହିତ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି।

## ହୃଦ୍‌ଘାତରେ ପ୍ରଧାନଶିକ୍ଷକଙ୍କ ପରଲୋକ

**ମାର୍ଶାଘାଇ,୨୯।୩(ସମିସ):** ମାର୍ଶାଘାଇ ବ୍ଲକ ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପରିଡାଙ୍କ ପରଲୋକ ଘଟିଛି। ମାର୍ଶାଘାଇ ଭଡାଘରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ସଙ୍ଗେ ସଙ୍ଗେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦ୍ରାପଡା ମେଡିକାଲକୁ ଚିକିତ୍ସାପାଇଁ ନିଆଯିବା ସମୟରେ ତାଙ୍କ ପ୍ରାଣବାୟୁ ଚାଲିଯାଇଥିଲା। ଶେଷ ସମୟରେ ତାଙ୍କ ନିକଟରେ ପତ୍ନୀ ବିଜୟାଲକ୍ଷ୍ମୀ ପରିଡା, ପୁଅ ଓ ଝିଅ ଉପସ୍ଥିତ ଥିଲେ। ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦୀର୍ଘ ୩୦ବର୍ଷର କର୍ମମୟ ଜୀବନରେ କର୍ତ୍ତବ୍ୟନିଷ୍ଠ, ଶୃଙ୍ଖଳିତ ଶିକ୍ଷାଦାନ ଓ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସମଗ୍ର ଅଞ୍ଚଳରେ ସେ ପରିଚିତ ଥିଲେ। ଚାକିରୀ ଜୀବନ ଶେଷ ହେବାକୁ ମାତ୍ର ୧ମାସ ବାକିଥିବା ବେଳେ ତାଙ୍କ



ପରଲୋକରେ ଶିକ୍ଷାନୁଷ୍ଠାନରେ ଗଭୀର ଶୋକ ଖେଳିଯାଇଛି। ତାଙ୍କ ମରଶରୀରକୁ ବିଦ୍ୟାଳୟ ପରିସରକୁ ଅଣାଯାଇ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ମରଶରୀରରେ ପୁଷ୍ପମାଲ୍ୟଦେଇ ଶେଷ ବିଦାୟ ଦେଇଥିଲେ। ଗ୍ରାମବାସୀଙ୍କ ତରଫରୁ ମରଶରରୀକୁ ଦଶିପୁର ଗାଁ ପରିକ୍ରମାକରି ତାଙ୍କ ନିଜଘର ତେରଗାଁକୁ ନିଆଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ସାରଦା ପ୍ରସନ୍ନ ପରିଡ଼ା ମୁଖାଗ୍ନି ଦେଇଥିଲେ।

### କେନ୍ଦ୍ରାପଡ଼ାରେ ପହଞ୍ଚିଲା 'ଇକୋ ୱାକ୍ ପଦଯାତ୍ରା'

# ସମୂହ ବିସ୍ଥାପିତ ସାତଭାୟାରେ ପହଞ୍ଚି ସଚେତନତା

**କେନ୍ଦ୍ରାପଡ଼ା,୨୯।୩(ସମିସ)**









'ଇକୋ ୱାକ୍' ପଦଯାତ୍ରା କେନ୍ଦ୍ରାପଡା ପହଞ୍ଚିଛି। ଏହି ପଦଯାତ୍ରା ଶେଷ ପାଇଁ ଆହୁରି ୧୫୦ କିମି ରହିଛି ବୋଲି କୁହାଯାଇଛି। ପରିବେଶ, ପର୍ଯ୍ୟାବରଣ ଓ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାର ସୁରକ୍ଷା, ସଚେତନତା ସୃଷ୍ଟି ଓ ଆଗାମୀ ଦୁର୍ବିପାକକୁ ପ୍ରତିହତ କରିବା ପାଇଁ "ଇକୋ ୱାକ ପଦଯାତ୍ରା' ଫେବୃଆରୀ ୪ ତାରିଖ ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇ ପୁରୀ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳ ଅତିକ୍ରମ କରି ଭଦ୍ରକ ଜିଲ୍ଲାରେ ଗୁରୁବାର ପହଞ୍ଚିଛି। ଯୁବ ସମାଜସେବୀ ତଥା ପରିବେଶବିତ ଜଳେନ୍ଦ୍ର ମହାଳିକ ଏହି ପଦଯାତ୍ରା ମାଧ୍ୟମରେ ବିଭିନ୍ନ ସଂଗଠନ, ସ୍କୁଲ, କଲେଜ, ମହିଳା ସଂଗଠନମାନଙ୍କୁ ଭେଟି ସଚେତନ କରାଇବା ସହ ଭବିଷ୍ୟତ ସହବନ୍ଧିତା ସ୍ଥାପନ କରୁଛନ୍ତି। ଆଗାମୀ ଦୁର୍ବିପାକକୁ ପ୍ରତିହତ କରିବାକୁ ଏହି ପ୍ରୟାସ ଆରମ୍ଭ ହୋଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନ ଅତିକ୍ରମ କରି ମହାନଦୀ ମୂଶାଡିହାଘାଟ ଅତିକ୍ରମ କରି କେନ୍ଦ୍ରାପଡା ଜିଲ୍ଲା ରାମନଗରଠାରେ ଗତ ୧୬ ତାରିଖରେ ପହଞ୍ଚିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ରାମନଗର, ବାହାକୁଦ, ଜମ୍ବୁ ଦୀପର ବିଭିନ୍ନ ସ୍ଥାନୀୟ ଅଧିବାସୀ, ସଂଗଠନ ଏବଂ ଜମ୍ବୁ ପଞ୍ଚାୟତ ମହାସଭାର ସଭାପତି ତାପତି ପାହାରି ପ୍ରମୁଖଙ୍କ ସହ ସଂଯୋଗହୋଇ ପଟାମୁଣ୍ଡାଇ ପହଞ୍ଚିଥିଲେ। ପୌରପାଳିକା ଅଧକ୍ଷ ହେମନ୍ତ ସାହୁ ଏବଂ ବିଭିନ୍ନ ଯୁବଗୋଷ୍ଠୀ ପଦଯାତ୍ରା ସହ ଯୋଡି ହୋଇଥିଲେ। ଏଥିସହ ମଲିପୁର, ଡାମରପୁର, ବଳଭଦ୍ରପୁର, ମଦନପୁର ଗ୍ରାମର ବିଭିନ୍ନ ସଂଗଠନ ଏବଂ ଯୁବକ ବନ୍ଧୁମାନଙ୍କ ସହ ସମାଜସେବୀ ବସନ୍ତ ନାଥ ଓ କେଦାର ରାଉତଙ୍କ ସହାୟତା ଦ୍ୱାରା ଏହି ଇକୋୱାକ ପଦଯାତ୍ରା ସଂଯୋଗ ହୋଇଥିଲା।

ସେହିପରି ରାଜନଗର, ପେଣ୍ଠ, ଗୁପ୍ତି, ବଗବାଟିଆ, ଚାରିଘରିଆ ଆଦି ଗ୍ରାମରେ ଯାଇ ଜଳେନ୍ଦ୍ର ପହଞ୍ଚିଥିଲେ। ବିଭିନ୍ନ ସାମାଜିକ ସଂଗଠନ, ନେତୃବୃନ୍ଦ ଏବଂ ସାମ୍ବାଦିକ ମାନଙ୍କଠାରୁ ପରିବେଶଗତ ସମସ୍ୟା ବିଷୟରେ ଅବଗତ ହେବା ସହ ଆଗାମୀ ଦିନରେ ପରିବେଶ ସୁରକ୍ଷା ପ୍ରତି କିପରି କାର୍ଯ୍ୟ କରାଯାଇପାରିବ ଉକ୍ତ ଅଞ୍ଚଳରେ ସେନେଇ ଆଲୋଚନା ହୋଇଥିଲା। ଏଥିସହ ରାଜ୍ୟର ପ୍ରଥମ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୂହ ବିସ୍ଥାପିତ ହୋଇଥିବା ସାତଭାୟାର ଗ୍ରାମବାସୀମାନଙ୍କ ସହ ପରିବେଶଗତ ସମସ୍ୟା ଓ ସେମାନଙ୍କ ବିକଳ୍ପ ଆୟର ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ଏହାପରେ ଜଳେନ୍ଦ୍ର ଡାଙ୍ଗମାଳ ଏବଂ ତାଳଚୁଆ ଅଞ୍ଚଳରେ ରାହା ଫାଉଣ୍ଡେସନ, ଭିତରକନିକା ଯୁବକ ପରିଷଦ ଓ ମା' ଦୁର୍ଗା ସ୍ୱେଚ୍ଛାସେବୀ ସମିତି ସହ ସଂଯୋଗ ହୋଇ ସଚେତନତା ସୃଷ୍ଟି କରିବା ସହ ଆଗାମୀ ଭବିଷ୍ୟତ ପାଇଁ ସହବନ୍ଧିତା ସ୍ଥାପନ କରିଥିଲେ।

ଗତକାଲି ସେ ତାଳଚୁଆ ଘାଟରୁ-ଭଦ୍ରକ ଜିଲ୍ଲା, କାଳିଆନାଳି ଘାଟଠାରେ ପହଞ୍ଚି ଧାମରା ଶଶିକାଦେଇପୁର ଠାରେ ପହଞ୍ଚିଛନ୍ତି। ଏଥିସହ ଏହି ଇକୋ ୱାକ ପଦଯାତ୍ରା ଚତୁର୍ଥ ଜିଲ୍ଲା ଅତିକ୍ରମ କରି ପଞ୍ଚମ ଜିଲ୍ଲା ଭଦ୍ରକଠାରେ ପହଞ୍ଚିଥିବା ସେ ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ମାଧ୍ୟମରେ ସେ ୧୦୦୦ରୁ ଊର୍ଦ୍ଧ୍ୱ ସାମାଜିକ ସଂଗଠନ, ସ୍କୁଲ, କଲେଜ, ମହିଳା ସଂଗଠନ ଏବଂ ୩ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ସହ ସଂଯୋଗ ହୋଇ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଦାମୋଦର ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଏରସମା,୨୯।୩(ସମିସ):** ବରିଷ୍ଠ ରାଜନେତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ବିୟୋଗରେ ପୂଜ୍ୟପୂଜା ସଂସଦ ପଞ୍ଚପଲ୍ଲୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଠାକୁରଦାଣ୍ଡଠାରେ ଓଟିଡିସି ଘରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ହରପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷା ବିଭାଗ ଉପଦେଷ୍ଟା ଶିଶିର କୁମାର ପରିଜା ଯୋଗଦେଇ ସ୍ୱର୍ଗତ ରାଉତ ଏରସମା ମାଟିର ଜଣେ ଯୋଗ୍ୟ ସନ୍ତାନ ଥିଲେ। ତାଙ୍କ ବିୟୋଗରେ ଏରସମା ମାଟି ଜଣେ ଯୋଗ୍ୟ ସନ୍ତାନକୁ ହରାଇଲା ବୋଲି କହିଥିଲେ। ଅନ୍ୟତମ ଅତିଥି ସଂସଦର ସଭାପତି ଶୁଭ ନାରାୟଣ ନାୟକ, ସଂସଦର ସମ୍ପାଦକ ଶିଶିର କୁମାର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସୀମାଞ୍ଚଳ ଚରଣ ଭୋଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜେନା, ସମାଜସେବୀ କ୍ଷେତ୍ର ମୋହନ ଦାସ, ନିମାଇଁ ଚରଣ ମଲ୍ଲିକ ଯୋଗଦେଇ ଦାମୋଦର ରାଉତଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସ୍ୱର୍ଗତ ରାଉତଙ୍କ ଝିଅ ପ୍ରୀତିନନ୍ଦା ରାଉତରାୟ ଫୋନ ମାଧ୍ୟମରେ ବକ୍ତବ୍ୟ ଦେଇଥିଲେ। ସଭା ଆରମ୍ଭରୁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁଗୋଜ୍ୟୋତି ମହାନ୍ତି ଓ ସ୍ମୃତି ରଂଜନ ମହାନ୍ତି, ସୁଦାମ ଚରଣ ସାହୁ, ଶୁଭ ନାରାୟଣ ମିଶ୍ର, ଲକ୍ଷ୍ମୀଧର ଓଝା ସଭା ପରିଚାଳନାରେ ସହ ଯୋଗ କରିଥିଲେ। ଶହେରୁ ଅଧିକ ଦାମପ୍ରେମୀ ଉପସ୍ଥିତ ଥିଲେ।

## ଭୋଟ ଦେବେ ୩୧୪୧ ଜଣ ବୃଦ୍ଧବୃଦ୍ଧା

**କେନ୍ଦ୍ରାପଡ଼ା,୨୯।୩(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ସବୁଆଡେ ନିର୍ବାଚନକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଭୋଟ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୋଟ ଦେବାରୁ ଯେପରି କେହି ବଞ୍ଚିତ ନହୁଅନ୍ତି ସେଥିପାଇଁ ବିଶେଷ ଭାବରେ ଧ୍ୟାନ ଦିଆଯାଇଛି। ଘରେ ବସି କେମିତି ନିର୍ବାଚନରେ ଭୋଟ ଦେଇପାରିବେ ସେନେଇ ବ୍ୟବସ୍ଥା ଗ୍ରହଣ ହୋଇଛି। ସେଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ କରିବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ୩୧୪୧ ଜଣ ବୃଦ୍ଧବୃଦ୍ଧାଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ବରିଷ୍ଠ ନାଗରିକଙ୍କ ମଧ୍ୟରେ ୮୫ରୁ ୧୨୦ ବର୍ଷର ଯେଉଁମାନେ କିଭଳି ମତଦାନରୁ ବଞ୍ଚିତ ନହେବେ ସେନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସୂଚନା ମିଳିଛି। ସେମାନେ ଘରେ ବସି ମଧ୍ୟ ନିଜ ନିଜ ପସନ୍ଦର ନେତା ବାଛିବା ପାଇଁ ପ୍ରଶାସନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ସେମାନଙ୍କର ସୁବିଧା ଅନୁଯାୟୀ ଭୋଟ୍ ଦେବା ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀପରେ ଜିଲ୍ଲାର ଆଉ ୪ଟି ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**୮୫ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

## କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଆପ୍‌ର ସାମୂହିକ ଉପବାସ



**ଡେରାବିଶ,୨୯।୩(ସମିସ):** ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ସଲାରୋ ମଠସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆମ୍ ଆଦମୀ ପାର୍ଟିର ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଦିବସୀୟ ସାମୂହିକ ଉପବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଆଦମୀ ପାର୍ଟିର ପ୍ରତିଷ୍ଠାତା ତଥା ସର୍ବ ଭାରତୀୟ ସଭାପତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଅନ୍ୟାୟ ଏବଂ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବା ପ୍ରତିବାଦରେ ପ୍ରତୀକ ଉପବାସର ଧାରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିହର ମାହାଳି, ଦୀପକ ବାରିକ, ବିଶ୍ୱନାଥ ସାଠୁଆ, ରବିନ୍ଦ୍ର ଦାସ, କାଳନ୍ଦୀ ଯେନା, ରସାନନ୍ଦ ପ୍ରଧାନ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

## ଗୁଡ଼ିଆସାହିର ଜମି ଖାଉଛି ଗୋବରୀ ନଦୀ

**ପଞ୍ଚୁପାଣ୍ଡବ,୨୯।୩(ସମିସ):**



ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗୁଡ଼ିଆ ସାହି ଗ୍ରାମବାସୀଙ୍କ ପାଇଁ ଗୋବରୀ ନଦୀ ସମସ୍ୟାର କାରଣ ପାଲଟିଛି। ଗୋବରୀ ନଦୀ କୂଳ ଖାଉଥିବା ବେଳେ ଅଞ୍ଚଳବାସୀଙ୍କ ଓ କିଛି ଠାକୁରଙ୍କ ଚାଷଜମି ନଦୀରେ ମିଶିବାକୁ ଲାଗିଲାଣି। ଦୀର୍ଘ ବର୍ଷ ହେଲା ଏହି ନଦୀ ବନ୍ଧରେ ବୁରୁଜ ନିର୍ମାଣ କିମ୍ବା ପଥର ପ୍ୟାକିଂ ପାଇଁ ଲୋକେ ଦାବି କରି ଆସୁଛନ୍ତି। ଜଳ ସମ୍ପଦ ବିଭାଗର ଉଦାସୀନତା ଯୋଗୁ ଏହି ଗ୍ରାମ ଗୋବରୀ ନଦୀରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ସ୍ଥାନୀୟ ଅଧିବାସୀମାନେ ଏହି ଗୋବରୀ ନଦୀର ପଠାରେ ନଦୀର ପାଣିକୁ ବ୍ୟବହାର କରି ବର୍ଷତମାମ ବିଭିନ୍ନ ପନିପରିବା ଫସଲ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ହେଲେ ନଦୀବନ୍ଧ ଧିରେ ଧିରେ ଦୁର୍ବଳ ହୋଇ ବନ୍ଧ ଖାଇ ଖାଇ ଚାଲିବା ସହିତ ଚାଷୀମାନଙ୍କ ଚାଷଜମିକୁ ନଦୀ ଗ୍ରାସ କରି ଚାଲିଛି। ଏ ସମ୍ପର୍କରେ ଗ୍ରାମବାସୀମାନେ ଜଳସେଚନ ବିଭାଗ ନିକଟରେ ବାରମ୍ବାର ଦାବି କରୁଥିଲେ ମଧ୍ୟ ଫଳ ଶୂନ। ତୁରନ୍ତ ଛତା ଜଳସେଚନ ବିଭାଗ ପଦକ୍ଷେପ ନେଇ ଏହି ସ୍ଥାନରେ ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ କରିବା ପାଇଁ ଗ୍ରାମର ହୃଷିକେଶ ସାହୁ, ଦିଲିପ ସାହୁ, ଉପେନ୍ଦ୍ର ସାହୁ, ଶୈଳେନ୍ଦ୍ର ସାହୁ, ପର୍ଶୁରାମ ସାହୁ, ମୁନା ସାହୁ ପ୍ରମୁଖ ଦାବି କରିଛନ୍ତି।

## ବିଜେଡି ପ୍ରାର୍ଥୀ ଅରବିନ୍ଦଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ

**ଗରଦପୁର,୨୯।୩(ସମିସ):** ବିଜେଡିରୁ ଅରବିନ୍ଦ ମହାପାତ୍ର ପାଟକୁରା ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ହେବା ପରେ ସବୁ ମହଲରୁ ସ୍ୱାଗତ କରାଯାଉଛି। ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ନୂଆ ଆଉ ଯୁବ ଚେହେରାକୁ ସାଧାରଣ ଲୋକେ ଗ୍ରହଣ କରୁଛନ୍ତି। ଘିସାପିଟା ପ୍ରାର୍ଥୀଙ୍କ ବଦଳରେ ଅରବିନ୍ଦଙ୍କୁ ପ୍ରାର୍ଥୀଭାବେ ପାଇ ବିଭିନ୍ନ ମହଲରେ ଖୁସିବ୍ୟକ୍ତ କରାଯାଉଛି। ପାଟକୁରା ଲୋକଙ୍କ ସମସ୍ୟାକୁ ନେଇ ସେ ଆଗକୁ ବଢିବା ସହ ଯୁବ ନେତୃତ୍ୱକୁ ପ୍ରାଧାନ୍ୟ ଦେଉଥିବା ଏହି ଯୁବକଙ୍କୁ ଆବାଳ ବୃଦ୍ଧ ବନିତା ଗ୍ରହଣ କରୁଛନ୍ତି। ସେହିଭଳି ଆଜି ପଳସୁଧା ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଅନୁଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଜନତା ଦଳର କର୍ମୀମାନେ ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ତଳକୁସୁମାସ୍ଥିତ ବାସଭବନରେ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଥିଲେ। ସେମାନେ ଶ୍ରୀ ମହାପାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରି ପାଟକୁରାର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ।



